

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୨୦ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 20 MAY 2022

Vol.No. 33 ■ No. 131 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ଶ୍ରୀଲଙ୍କାକୁ ବିଶ୍ୱ ବ୍ୟାଙ୍କର ୧୬ କୋଟି ଡଲାର ସହାୟତା

ନୂଆଦିଲ୍ଲୀ, ୧୯/୦୫ : ସୁଧୁରିପାରୁନାହିଁ ଶ୍ରୀଲଙ୍କାର ଆର୍ଥିକ ସ୍ଥିତି । ଘୋର ସଙ୍କଟ ଦେଇ ଗତି କରୁଥିବା ଦେଶକୁ ବିଶ୍ୱ ବ୍ୟାଙ୍କ ୧୬ କୋଟି ଡଲାର ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରିମସିଂଘେ କହିଛନ୍ତି ଏହି ଟଙ୍କାରେ ଦେଶରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିରେ ଇନ୍ଧନ, ଗ୍ୟାସ କିଣିବା ପାଇଁ କିଛି ଟଙ୍କା ଖର୍ଚ୍ଚ କରାଯିବ । ବୁଧବାର ସଂସଦରେ ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱ ବ୍ୟାଙ୍କର ଏହି ଟଙ୍କାର କିଛି ଅଂଶ ଆମେ ସମସ୍ୟାର ସମାଧାନ ପାଇଁ ଖର୍ଚ୍ଚ ପାଇଁ ଚିନ୍ତା କରୁଛୁ । ଦେଶରେ ଯେଉଁ ବିରୋଧ ପ୍ରଦର୍ଶନ ଚାଲିଛି ଏହାକୁ ଦେଖି କେଉଁଭଳି ଆଉ କେତେ ପରିମାଣର ଟଙ୍କା ଖର୍ଚ୍ଚ ହେବ ସେ ନେଇ ଚିନ୍ତା କରାଯାଉଛି । ସୋମବାର ଜଣାପଡିଥିଲା ଯେ ଦେଶରେ କେବଳ ଗୋଟିଏ ଦିନ ପାଇଁ ପଟ୍ରୋଲ ରହିଛି । ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରିମସିଂଘେ ପ୍ରଥମରୁ କହିଛନ୍ତି ତାଙ୍କର ପ୍ରଥମ ଲକ୍ଷ୍ୟ ଦେଶକୁ ବଞ୍ଚାଇବା । କୌଣସି ବ୍ୟକ୍ତି କିମ୍ବା ପରିବାରକୁ ବଞ୍ଚାଇବା ମୋର ଦାୟିତ୍ୱ ନୁହେଁ । ୱିକ୍ରିମସିଂଘେ କହିଛନ୍ତି, ବିଶ୍ୱବ୍ୟାଙ୍କରୁ ୧୬ କୋଟି ଡଲାର ସହାୟତା ମିଳିଛି । ଏସିଆ ବିକାଶ ବ୍ୟାଙ୍କରୁ ମଧ୍ୟ ସହାୟତା ମିଳିବାର ଆଶା ରହିଛି । ସେ କହିଛନ୍ତି ବିଶ୍ୱବ୍ୟାଙ୍କରୁ ମିଳୁଥିବା ଟଙ୍କା ଇନ୍ଧନ କିଣିବାରେ ବ୍ୟବହାର କରାଯାଇପାରିବ ନାହିଁ । ୱିକ୍ରିମସିଂଘେ ଆହୁରି ମଧ୍ୟ କହିଛନ୍ତି ଆମେ ଚିନ୍ତା କରିଛୁ ଏହି ଟଙ୍କାର କିଛି ଅଂଶ ଆମେ ଇନ୍ଧନ କିଣିବାରେ ଆମେ ଖର୍ଚ୍ଚ କରିପାରିବୁ କି । ସୋମବାର ଦେଶକୁ ସମ୍ବୋଧନ ବେଳେ ୱିକ୍ରିମସିଂଘେ କହିଥିଲେ ଭାରତ ପାଖରୁ ମିଳିଥିବା ପେଟ୍ରୋଲ ଚଳିତ ସପ୍ତାହରେ କିମ୍ବା ୨୯ ମେ ସୁଦ୍ଧା ଆସିବ । ଇନ୍ଧନ ଏବଂ ଗ୍ୟାସର ଅଭାବ କାରଣରୁ ଦେଶରେ ବିରୋଧ ପ୍ରଦର୍ଶନ ଜାରି ରହିଛି । ବୁଧବାର ଏହାକୁ ନେଇ ରାସ୍ତାରୋକ ମଧ୍ୟ ଦେଖିବାକୁ ମିଳିଥିଲା । ସେ ଦେଶବାସୀଙ୍କୁ କହିଛନ୍ତି ଆଗାମୀ କିଛି ଦିନ ଆମମାନଙ୍କ ପାଇଁ କଷ୍ଟ ସମୟ । ମୁଁ କୌଣସି କଥା ଜନତାଙ୍କ ଠାରୁ ଲଚାଇବାକୁ ଚାହୁଁ ନାହିଁ , ତାଙ୍କୁ ମିଛ କହିବା ବି ମୋର ଉଦ୍ଦେଶ୍ୟ ନୁହଁ । ଶ୍ରୀଲଙ୍କା ସରକାରକୁ ଖର୍ଚ୍ଚ ଚଳାଇବା ପାଇଁ ୨.୪ ଟ୍ରିଲିୟନ ଶ୍ରୀଲଙ୍କା ମୁଦ୍ରାର ଆବଶକତା ରହିଛି । ସେପଟେ କିନ୍ତୁ ଶ୍ରୀଲଙ୍କାକୁ ମାତ୍ର ୧.୬ ଟ୍ରିଲିୟନ ରାଜସ୍ୱ ମିଳିଥାଏ । ଦେଶରେ ସଙ୍କଟ ଦେଖାଦେବା ପରେ ସରକାର ପ୍ରଥମ ଥର ଏହି ସତକୁ ସ୍ୱୀକାର କରିଛନ୍ତି । କେବଳ ଏତିକି ନୁହେଁ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ଶେଷ ହେବାର ସତ ମଧ୍ୟ ସରକାର ସ୍ୱୀକାର କରିଛନ୍ତି । ଏହି କାରଣରୁ ତେଲ ଏବଂ ଅନ୍ୟ ଜରୁରୀ ଜିନିଷ କିଣିବାରେ ଅସୁବିଧା ହେଉଛି ।

ନିଠାରୀ ହତ୍ୟା ମାମଲା: ସୁରେନ୍ଦ୍ର କୋଲିକୁ ଫାଶୀ : ମନିନ୍ଦର ସିଂଙ୍କୁ ଆଜୀବନ ଜେଲ

ନୂଆଦିଲ୍ଲୀ, ୧୯/୦୫ : ନିଠାରୀ ହତ୍ୟା ମାମଲାରେ ରାୟ ଶୁଣାଇଛନ୍ତି ସିବିଆଇ କୋର୍ଟ । ସୁରେନ୍ଦ୍ର କୋଲିକୁ ମୃତ୍ୟୁଦଣ୍ଡ ମିଳିଥିବା ବେଳେ ମନିନ୍ଦର ସିଂ ପଣ୍ଢେରଙ୍କୁ ୭ ବର୍ଷର ସଜା ହୋଇଛି । ଆଇପିସିର ଧାରା ୩୦୨ରେ ସୁରେନ୍ଦ୍ରଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ବେଳେ ମନିନ୍ଦର ସିଂଙ୍କୁ ଅନୈତିକ ବ୍ୟାପାର ଅଧିନିୟମର ଧାରା ୫ ଅନୁଯାୟୀ ୭ ବର୍ଷର ସଜା ଶୁଣାଯାଇଛି । କୋର୍ଟ କୋଲିକୁ ୪୦ ହଜାର ଟଙ୍କା ଜରିମାନା ଲଗାଇଥିବା ବେଳେ ମନିନ୍ଦର ସିଂଙ୍କ ଉପରେ ୪ ହଜାରର ଅର୍ଥଦଣ୍ଡ ଲାଗିଛି । ଏହା ପୂର୍ବରୁ କୋର୍ଟ ମନିନ୍ଦରଙ୍କୁ ହତ୍ୟା, ଅପହରଣ ଓ ଦୁଷ୍କର୍ମ ଅଭିଯୋଗରୁ ମୁକ୍ତ କରିଥିଲେ । ନିଠାରୀ କାଣ୍ଡର ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର କୋଲିଙ୍କୁ ବର୍ତ୍ତମାନ ସୁଦ୍ଧା ୧୩ ମାମଲାରେ ମୃତ୍ୟୁଦଣ୍ଡ ହୋଇସାରିଛି । ତେବେ ୩ ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ତାକୁ ଦୋଷ ମୁକ୍ତ କରାଯାଇଛି । ରାଷ୍ଟ୍ରପତିଙ୍କ ଦ୍ୱାରା ଗୋଟିଏ ମାମଲାରେ ରାଜକ୍ଷମା ଖାରଜ ହେବା ପରେ ସୁରେନ୍ଦ୍ରକୁ ମେରଠରେ ଫାଶୀ ଦିଆଯିବାର ଥିଲା । ତେବେ ସୁପ୍ରିମକୋର୍ଟ ସେତେବେଳେ ଏହା ଉପରେ ରୋକ ଲଗାଇଥିଲେ । ସେହିଭଳି ହାଇକୋର୍ଟ ଗୋଟିଏ ମାମଲାରେ ଫାଶୀ ଆଦେଶକୁ ବଦଳାଇ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ । ସ୍ୱତନ୍ତ୍ର ସିବିଆଇ କୋର୍ଟ ଫାଶୀର ସଜା ଶୁଣାଇବା ପରେ କୋଲି ▶▶ପୃଷ୍ଠା ୭

ଟମାଟୋ ଫ୍ଲୁ ଏକ ଭାଇରାଲ ରୋଗ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯/୦୫ (ନି.ପ୍ର): ଟମାଟୋ ଫ୍ଲୁ ଏହା ଏକ ଭାଇରାଲ ରୋଗ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର । ଟମାଟୋ ଫ୍ଲୁ ରୋଗ ଏହି ସମୟରେ ହୁଏ। ଏହାର ଲକ୍ଷଣ ହେଉଛି ପିଲା ଖାଇବ ନାହିଁ, ବାନ୍ତି ହେବ, ଦେହ ଯାକ ଫଳିଯିବ,ନାଲି ପଡ଼ିଯିବ,ଜର ହେବ । ଏହି ରୋଗ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ଏଭଳି କେତେ କେସ ଅଛି ଜାଣିବା ପାଇଁ ମେଡିକାଲ କଲେଜ ଗୁଡିକୁ ରିପୋର୍ଟ ମଗାଯାଇଥିଲା । ଆରଏମଆରସି ଏହି ଭାଇରଲ ଭାଇରସର ଚିହ୍ନଟ କରିବେ। ନମୁନା ସଂଗ୍ରହ କରାଯାଇ ପଠାଯିବ। ଏହା ହ୍ୟାଣ୍ଡ ମାଉଥ ଫୁଟ ରୋଗ ବୋଲି ସନ୍ଦେହ କରାଯାଉଛି। ଏହି ସନ୍ଦେହକୁ ଦୂର କରିବା ପାଇଁ ନମୁନା ସଂଗ୍ରହ କରି ଆରଏମଆରସିକୁ ପଠାଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଜିଲ୍ଲା ଓ ଶିଶୁ ରୋଗ ବିଶେଷଜ୍ଞମାନଙ୍କ ସହ ଏ ନେଇ ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ଜାରି ରହିଛି। ଜିଲ୍ଲା ଚିକିତ୍ସାଳୟଗୁଡ଼ିକୁ ଆକ୍ରାନ୍ତ ଶିଶୁଙ୍କ ନମୁନା ସଂଗ୍ରହ କରି ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

କଟକ ଚଣ୍ଡୀ ମନ୍ଦିରର ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

୭୦ କୋଟି ଟଙ୍କା ଖର୍ଚ୍ଚ ହେବ, ଏକ ବର୍ଷରେ କାମ ସରିବା ଲକ୍ଷ୍ୟ

ଭୁବନେଶ୍ୱର, ୧୯/୦୫ (ନି.ପ୍ର): କଟକର ଅଧିଷ୍ଠାତ୍ରୀ ଦେବୀ ମା କଟକ ଚଣ୍ଡୀ ପୀଠର ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଅନୁମୋଦନ କରିଛନ୍ତି। ଏଥିପାଇଁ ଖର୍ଚ୍ଚ ହେବ ୭୦ କୋଟି ଟଙ୍କା। ଭକ୍ତ ମାନଙ୍କ ପାଇଁ ବିଭନ୍ନ ସୁବିଧା ସୁଯୋଗ ସହିତ ଏକ ସୁନ୍ଦର ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯିବ। କାମ ଏକ ବର୍ଷରେ ଶେଷ ହେବ। ଓବିସିସି ଦ୍ୱାରା ପ୍ରସ୍ତୁତ ଏହି ଯୋଜନା ଅନୁଯାୟୀ ମନ୍ଦିର ପରିସରକୁ ଅଧିକ ଆକର୍ଷଣୀୟ କରାଯିବ। ମନ୍ଦିର ଚତୁଃପାର୍ଶ୍ୱରେ ପଥର ପାଚେରୀ ନିର୍ମାଣ ସହିତ ଚାରି ଦିଗରେ ଚାରି ଗୋଟି ଦ୍ୱାର ନିର୍ମାଣ କରାଯିବ। ଏହାସହିତ ମନ୍ଦିର ପରିସରରେ ନୂଆ ଜଗମୋହନ, ଯଜ୍ଞ ମଣ୍ଡପ, ଚଣ୍ଡୀପାଠ ମଣ୍ଡପ, ମୁଣ୍ଡନ ମଣ୍ଡପ, ହନୁମାନ ମନ୍ଦିର ଏବଂ ନୂଆ ରୋଷ ଘର ମଧ୍ୟ ନିର୍ମାଣ କରାଯିବ। ମନ୍ଦିର ପରିସରରେ ଖଣ୍ଡାଲାଇଟସ୍ ପଥର ବିଛାଯିବା ସହିତ ଆଲୋକୀକରଣ କରାଯିବ ଏବଂ ସିସିଟିଭି ମଧ୍ୟ ଲଗାଯିବ। ବାଟମଙ୍ଗଳା ମନ୍ଦିର ମଧ୍ୟ ପୁନଃ ନିର୍ମାଣ କରାଯିବ। ଯାତ୍ରୀମାନେ ଯେପରି ସୁବିଧାରେ ଓ ଶୃଙ୍ଖଳିତ ଭାବରେ ମାଙ୍କ ଦର୍ଶନ କରିପାରିବେ, ସେଥିପାଇଁ ପୋଲିସ କଣ୍ଟ୍ରୋଲ ରୁମ୍, ▶▶ପୃଷ୍ଠା ୭

ବର୍ଷାରେ ଉବୁଟୁବୁ କର୍ଣ୍ଣାଟକ : ୩ ହଜାରରୁ ଅଧିକ ଘର ଜଳ ଘେରରେ

ନୂଆଦିଲ୍ଲୀ, ୧୯/୦୫ : ପ୍ରବଳ ବର୍ଷାରେ ଉବୁଟୁବୁ ହେଉଛି କର୍ଣ୍ଣାଟକ । ଲଗାଣ ବର୍ଷା ରାଜ୍ୟ ବାସିଙ୍କ ସମସ୍ୟା ବଢାଇଛି । ୩ ହଜାରରୁ ଅଧିକ ଘର ଜଳ ଘେରରେ ବନ୍ଦି ହୋଇ ରହିଛି । ରାସ୍ତାର ବନ୍ୟା ଜଳ ପରିପୂର୍ଣ୍ଣ ହୋଇ ରହିବାରୁ ଯାନବାହାନ ପାଣିରେ ଭାସୁଥିବା ଦେଖିବାକୁ ମିଳିଛି । ସେପଟେ ଛାତ୍ର ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲ ଗୁଡିକୁ ଛୁଟି ଘୋଷଣା କରିଛି ଦକ୍ଷିଣ କନ୍ନଡ଼ ଜିଲ୍ଲା ପ୍ରଶାସନ । ଅନ୍ୟପଟେ ବନ୍ୟା ଅଂଚଳ ପରିଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ବସଭରାଜ ବୋମ୍ମାଇ । କର୍ଣ୍ଣାଟକରେ ଲଗାଣ ବର୍ଷା ରାଜ୍ୟବାସିଙ୍କ ସମସ୍ୟା ବଢାଇଛି । ଲଗାତାର ୪ ଦିନ ଧରି ପ୍ରବଳ ବର୍ଷା ହେବା ଫଳରେ ରାଜ୍ୟରେ ଅନେକ କ୍ଷୟକ୍ଷତି ରିପୋର୍ଟ ହୋଇଛି । ବର୍ଷା କାରଣରୁ ୩ ହଜାରରୁ ଅଧିକ ଘର ଜଳ ଘେରରେ ବନ୍ଦି ରହିଥିବା ଜଣାପଡିଛି । ପ୍ରବଳ ବର୍ଷାର ପୂର୍ବାନୁମାନ କରି ବେଙ୍ଗାଲୁରରେ ଅରେଂଜ ଆଲେର୍ଟ ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ । ସେପଟେ ଛାତ୍ର ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲ ଗୁଡିକୁ ଛୁଟି ଘୋଷଣା କରିଛି ଦକ୍ଷିଣ କନ୍ନଡ଼ ଜିଲ୍ଲା ପ୍ରଶାସନ । ଅନ୍ୟପଟେ ବନ୍ୟା ଅଂଚଳ ପରିଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ବସଭରାଜ ବୋମ୍ମାଇ । ରାଜ୍ୟରେ ପ୍ରବଳ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଲଗାଣ ବର୍ଷା ଅନେକ ସ୍ଥାନରେ ବନ୍ୟା ଓ ଭୁସ୍କଳ ଭଳି ପରିସ୍ଥିତି ମଧ୍ୟ ସୃଷ୍ଟି କରିଛି । ସଠିକ ଭାବରେ ଜଳ ନିଷ୍କାସନ ନ ହେବାରୁ ରାସ୍ତା ବନ୍ୟା ଜଳରେ ଭର୍ତି ହୋଇ ରହିଛି । ଫଳରେ ଯାତାୟତରେ ଭିଷଣ ଅସୁବିଧା ଦେଖା ଦେଇଛି । ବର୍ଷା କାରଣରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତୀୟ ସେମିନାର ଉଦ୍‌ଘାଟିତ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯/୦୫ (ନି.ପ୍ର): ସ୍ୱରାଜର ବାଖ୍ୟାରେ ସ୍ୱଦେଶୀ, ସ୍ୱଭାଷା, ସ୍ୱଧର୍ମ, ଆମର ସଂସ୍କୃତି ଏବଂ ଦେଶର ସର୍ବୋଚ୍ଚ ବିଚାର ସର୍ବପ୍ରଥମେ ସ୍ୱତଃପ୍ରବୃତ ମନକୁ ଆସିଥାଏ । କିନ୍ତୁ ସ୍ୱାଧୀନତା ପରବର୍ତୀ ସମୟରେ ସ୍ୱରାଜର ଏହି ସମସ୍ତ ବାଖ୍ୟାକୁ ଅଣଦେଖା କରି କେବଳ ଶାସନ ବ୍ୟବସ୍ଥାରେ ସୀମିତ କରାଗଲା । ବର୍ତମାନ ସମୟରେ ଏ ସମସ୍ତ ବିଷୟ ଗୁଡିକର ପୁନର୍ବିଚାର ଜରୁରୀ । ସ୍ୱରାଜର ସମ୍ପୂର୍ଣ୍ଣ କଳ୍ପନା ହିଁ ନୂଆ ଇଣ୍ଡିଆର ବିଚାର ଏବଂ ଏହି ବିଚାର ହିଁ ଏହାର ମୂଳ ଆଧାର ବୋଲି କହିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ । ଗୁରୁବାର ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଅନ୍ତରାଷ୍ଟ୍ରୀୟ ସେମିନାରକୁ ଉଦଘାଟନ କରିବା ଅବସରରେ ଶ୍ରୀ ଶାହ ଉପସ୍ଥିତ ପ୍ରାଧ୍ୟାପକ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଏହା କହିଛନ୍ତି । "'ସ୍ୱରାଜ ରୁ ନୂଆ ଭାରତ'ପର୍ଯ୍ୟନ୍ତ ଭାରତ ବିଚାରର ପୁନରାବଲୋକନ ଶୀର୍ଷକ ଆଲୋଚନାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ଶାହ କହିଛନ୍ତି ଯେ ଆମ ସ୍ୱରାଜ କଳ୍ପନାରେ 'ସ୍ୱ' ଶବ୍ଦର ମହତ୍ୱ ଅଧିକ ଏବଂ 'ରାଜ'ର ଅର୍ଥ ବ୍ୟବସ୍ଥା ଆଣିବା । ମାତ୍ର ସ୍ୱାଧୀନତା ପରେ 'ସ୍ୱ'କୁ ଧ୍ୟାନ ▶▶ପୃଷ୍ଠା ୭

ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟିଲେ ଅପରାଜିତା

ଭୁବନେଶ୍ୱର, ୧୯/୦୫ (ନି.ପ୍ର): ପ୍ରାଚୀ ନଦୀର ପୁନରୁଦ୍ଧାର ପ୍ରସଙ୍ଗ ନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଦିଲ୍ଲୀଠାରେ ସାକ୍ଷାତ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । କେନ୍ଦ୍ରମନ୍ତ୍ରୀଙ୍କୁ ସାଂସଦ ଶ୍ରୀମତୀ ଷଡଙ୍ଗୀ ଜଣାଇଛନ୍ତି ଯେ ୭୮ କିଲୋମିଟର ଦୀର୍ଘ ପ୍ରାଚୀ ନଦୀ, ଖୋର୍ଦ୍ଧା-କଟକ-ପୁରୀ ଜିଲ୍ଲା ଦେଇ ଯାଇଛି। ବର୍ତମାନ ପ୍ରାଚୀ ନଦୀ ଶୁଷ୍କ ଅବସ୍ଥାରେ ରହିଛି। ନଦୀର ପୁନଃରୁଦ୍ଧାର ପାଇଁ କର୍ତୁପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଉପକୂଳରେ ରହୁଥିବା ଲୋକେ ଉପକୃତ ହେବେ। ନଦୀ ପୁନରୁଦ୍ଧାର ପ୍ରକଳ୍ପ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ମୋଟ ୨୯୭.୮୧ କୋଟି ଟଙ୍କାର ପ୍ରସ୍ତାବ ଦେଇଛନ୍ତି ସାଂସଦ ଅପରାଜିତା।

ଜାତୀୟ ଜନଜାତି କମିଶନଙ୍କ ପାଖରେ ହାଜର ହେଲେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ

ଭୁବନେଶ୍ୱର, ୧୯/୦୫ (ନି.ପ୍ର): ଶେଷରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ ଜାତୀୟ ଜନଜାତି କମିଶନଙ୍କ ପାଖରେ ହାଜର ହୋଇଛନ୍ତି । ବାରମ୍ବାର ସମନ ସତ୍ତ୍ୱେ ଜିଲ୍ଲାପାଳ ହାଜର ହେଉ ନ ଥିବା କାରଣରୁ କମିଶନ ଜିଲ୍ଲାପାଳଙ୍କୁ ଆଣି ହାଜର କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଜିଲ୍ଲାପାଳ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟ ଏହା ଉପରେ ରହିତାଦେଶ ଦେଇଥିଲେ ।

ଏମାରମଠ ଖନନ ବେଳେ ମିଳିଥିବା 'ସିଂହ'କୁ ନେଲା ଏଏସଆଇ

ଭୁବନେଶ୍ୱର, ୧୯/୦୫ (ନି.ପ୍ର): ଏମାର ମଠ ଖନନସ୍ଥଳରୁ ସିଂହମୂର୍ତି ବାହାରିବା ଘଟଣା ପରେ ଆଜି ଏଏସଆଇ ଟିମ ମଠକୁ ଯାଇ ମୂର୍ତିକୁ ନିଜ ଅଧିନକୁ ନେଇଛି । ବର୍ତମାନ ଏହି ମୂର୍ତିକୁ ଏଏସଆଇ ଅଫିସରେ ରଖାଯିବ । ଏମାର ମଠ ଖନନ ସ୍ଥଳରେ ଏହି ସିଂହମୂର୍ତି ମିଳିଥିଲା । ମଙ୍ଗଳବାରଦିନ ଘଟଣାସ୍ଥଳରେ ଯାଂଚ କରିଥିଲା ଏଏସଆଇ ଟିମ । ଖନନ ସ୍ଥଳରୁ ମିଳିଥିବା ସିଂହମୂର୍ତିଟି ଗଙ୍ଗବଂଶ ରାଜତ୍ୱ ସମୟର ବୋଲି ଅନୁମାନ କରାଯାଉଛି । ଏଏସଆଇ ସୁପରିଟେଣ୍ଡେ ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ୧୬ ଜଣିଆ ଟିମ୍ ଖନନ ସ୍ଥଳ ଗସ୍ତ କରିବା ସହ ସିଂହମୂର୍ତି ଭଗ୍ନାବଶେଷର ଯାଂଚ କରି ପଥର ନମୁନା ସଂଗ୍ରହ କରିଥିଲା । ଜୁନ ୨୨ରେ ହାଇକୋର୍ଟରେ ଶୁଣାଣି ଥିବାରୁ ଏହି ସିଂହମୂର୍ତିର ଫଟୋ ଚିତ୍ରକୁ ପୂର୍ବରୁ ଦାଖଲ କରାଯାଇସାରିଛି । ଗତ ଏପ୍ରିଲ ୨୯ ତାରିଖରେ ଏମାର ମାଠ ଖନନ ସ୍ଥଳରୁ ଏକ ଭଗ୍ନ ସିଂହମୂର୍ତି ମିଳିଥିବା ଏଏସଆଇ ହାଇକୋର୍ଟକୁ ଜଣାଇ ଉଦବେଗ ପ୍ରକାଶ କରିଥିଲା । ମଙ୍ଗଳବାରଦିନ ପୁଣିଥରେ ବହୁ ପ୍ରାଚୀନ ବିରାଟ ଭଗ୍ନ ସିଂହମୂର୍ତି ଏମାର ମଠ ଖନନସ୍ଥଳରେ ଖଣ୍ଡବିଖଣ୍ଡିତ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା । ଦୁଇବର୍ଷ ତଳେ ବହୁପୁରୁଣା ଏମାରମଠକୁ ଭଙ୍ଗାଯାଇଥିଲା । ନିକଟ ଅତୀତରେ ଏହି ଖନନସ୍ଥଳକୁ ଖୋଳାଯାଇଛି । ଗତକାଲି ଖନନସ୍ଥଳରୁ ହିଁ ବିରାଟ ସିଂହମୂର୍ତି ମିଳିଛି । ଏହାର ଗୋଲେଇ ପ୍ରାୟ ୪ ଫୁଟ ଓ ଲମ୍ବା ପ୍ରାୟ ୫ ଫୁଟ ହେବ । ମୂର୍ତିର ଛାତିରୁ ମୁଣ୍ଡ ଯାଏଁ ଅଂଶ ଖନନସ୍ଥଳରେ ପଡିଥିବାବେଳେ ବାକିଅଂଶ ଏହାଠାରୁ କିଛି ଅଳ୍ପଦୂରରେ ପଡିଛି । ଗଠନ ଶୈଳୀରୁ ଏହା ବହୁ ପ୍ରାଚୀନ ବୋଲି ଅନୁମାନ କରାଯାଉଛି ।

୨୪ ଘଂଟାରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୧୯/୦୫ (ନି.ପ୍ର): ମାର୍ତାବନ-ଗଲ୍ଫ ଏବଂ ତତ-ସଂଲଗ୍ନ ମିଆଁମାର ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୁର୍ଣ୍ଣି-ବଳୟ ସମୁଦ୍ର ପତନ ଠାରୁ ବାୟୁମଣ୍ଡଳରେ ୫.୮ କିମି ଉଚ୍ଚ ଯାଏଁ ବ୍ୟାପିଥିବା ବେଳେ, ଏହା ପ୍ରଭାବରେ ଆଗାମୀ ୨୪ଘଂଟା ମଧ୍ୟରେ ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଓ ବଜ୍ରପାତ ହେବାର ସମ୍

ଚୁନାଚୁନା ସୁନାଫୁଲ ଉନ୍ମୋଚିତ

ବାସୁଦେବପୁର,୧୯/୦୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଂଚାୟତର ମା ଭେଡା ନାୟକଣି ମନ୍ଦିର ପରିସରରେ ଶିଶୁ ସାହିତ୍ୟ ପତ୍ରିକା ଚୁନା ଚୁନା ସୁନା ଫୁଲ ଉନ୍ମୋଚିତ ହୋଇଯାଇଛି । କବି ଅଜୟ ଦାସ,ଶିକ୍ଷକ ଉଦୟ ଚରଣ ମହାନ୍ତି, ଅକ୍ଷୟ ନାୟକ, ସମାଜସେବୀ ପ୍ରଦୀପ ଦାସ ପ୍ରମୁଖ ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପତ୍ରିକା ର ସମ୍ପାଦକ କବି ମହେଶ୍ୱର ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ ।

ଜିଲ୍ଲାର ବିକାଶ ପାଇଁ କନ୍ଧମାଳ ପ୍ରଗତୀ ଚିନ୍ତନ ପରିଷଦର ଉଦ୍ୟମ

କନ୍ଧମାଳ ,୧୯/୦୫ (ନି.ପ୍ର): କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ ର ଏକ ସ୍ୱ ତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ତଥା ବରିଷ୍ଠ ଆଇଜୀବୀ ଅଶୋକ କୁମାର ବେହେରା ଙ୍କ ଅଧ୍ୟକ୍ଷତା ରେ ଗତ ଶନିବାର ଦିନ ଫୁଲବାଣୀ ଠାରେ ଅନୁଷ୍ଠିତ ହୋଯାଇଅଛି । ଏଥିରେ ବିଶେଷ କରି ଫୁଲବାଣୀ ଠାରୁ କଳାଡି ଦେଇ ବ୍ରାହ୍ମଣପାଦ ପର୍ଯ୍ୟନ୍ତ ଏକ ସରକାରୀ ବସ ଚଳାଚଳ କରିବା ଜିଲ୍ଲା ରେ ପର୍ଯ୍ୟଟନ ବିକାଶ କରିବା । ଫୁଲବାଣୀ କୁ ଉଡାଣ ଯୋଜନାରେ ସାମିଲ୍ କରିବା । ନୂତନ ଭାବରେ ନବନିର୍ବାଚିତ ସରପଂଚ ମାନଙ୍କୁ ତୃଣମୂଳ ସ୍ତର ରେ କିଭଳି ଉନ୍ନୟନ କାର୍ଯ୍ୟକ୍ରମ କରାଯିବ ତାହା ଉପରେ ତାଲିମ ପ୍ରଦାନ କରା ଯାଇପାରିବ ତାହା ଉପରେ ଆଲୋଚା କରାଯାଇ ଥିଲା ଜିଲ୍ଲା ରେ ପର୍ଯ୍ୟାଟନ ବିକାଶ ପାଇଁ ଫୁଲବାଣୀ ପୌରାଂଚଳ ଅନ୍ତର୍ଗତ ହିଲଭ୍ୟୁପଏଣ୍ଟ ନିକଟରେ ବିଜୁବାବୁଙ୍କ ଏକ ପୂର୍ଣ୍ଣାୟକ ପ୍ରତିମୂର୍ତି ଥାଇ ଏକ ସୁନ୍ଦର ପାର୍କ ନିର୍ମାଣ ସହିତ ପିଲାସାଲୁଙ୍କି ନଦୀରେ ଏକ ଚେକଡ୍ୟାମ ନିର୍ମାଣ ସହିତ ଫୁଲବଗିଚା ରହିଲେ ଏକ ସୌନ୍ଦର୍ଯ ସ୍ଥଳୀରେ ପରିଣତ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ସେହିପରି ନାରାୟଣୀ ମନ୍ଦିର ନିକଟରେ ଥିବା ବ୍ରାହ୍ମଣୀ ଦେବୀ ମନ୍ଦିରର ବିକାଶ ସହିତ ଏକ ହରିଣ ପାର୍କ କରାଯିବା ପ୍ରସ୍ତାବ ସରକାରଙ୍କ ନିକଟକୁ ପଠା ଯିବାକୁ ନିସ୍ପତି ହୋଇଛି । କନ୍ଧମାଳ ଜିଲ୍ଲାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁବାଶ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବାବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଆଉ ଏକ ପ୍ରସ୍ତାବ ପଠାଯିବାକୁ ବୈଠକରେ ମତପ୍ରକାଶ ପାଇଥିଲା । ସେହିପରି କନ୍ଧମାଳକୁ ଉଡାଣ ଯୋଜନାରେ ସାମିଲ କରିବାକୁ କେନ୍ଦ୍ର ବେସାମରିକ ବିଭାଗ ଯୁଗ୍ମ ସଚିବ ଉଷା ପାଢୀଙ୍କୁ ପତ୍ରଲେଖାଯିବାକୁ ସ୍ଥିର କରାଗଲା । ଫୁଲବାଣୀ ଠାରେ ସାଇବର କ୍ରାଇମ ଉପରେ ଏକ ସଚେତନ କାର୍ଯ୍ୟକ୍ରମ କରିବାକୁ ନିସ୍ପତି ନିଆଯାଇଅଛି । ସେହିପରି ପୁଲିସ ଓ ଜନସାଧାରଣ ସମ୍ପର୍କଉପରେ ଏକ ଆଲୋଚନା ଚକ୍ର ବାଲିଗୁଡାଠାରେ ଆୟୋଜନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରିଯାଇଅଛି । ଜିଲ୍ଲାକୁ ଗ୍ରୀନ ସିଟି ଘୋସୋନା କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖାଯିବାକୁ ସ୍ଥିର କରିଯାଇଅଛି । ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ କଳାକୃତି ପାଇଁ ସ୍ୱତନ୍ତ୍ର ପରିଚୟ ଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତି ନିଆଯାଇଅଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିଖ୍ୟାବିତ ସୁକମଣି ନାୟକ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଦିଲୀପ କୁମାର ସାହାଣି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ସୁବେନ୍ଦୁ ତ୍ରିପାଠୀ, ପୋଷ୍ଟାଲ ଅଧିକାରୀ ନୃସିଂହ ବେହେରା , ଅଧ୍ୟାପକ ପ୍ରସନ୍ନ କୁମାର ପଟ୍ଟନାୟକ, ବରିଷ୍ଠ ଆଇନ ଜୀବି ବିଜୟ କୃଷ୍ଣପଟ୍ଟନାୟକ, ସମାଜସେବୀ କ୍ଷୀରୋଦ ସାହୁ , ବରିଷ୍ଠ ସାମ୍ବାଦିକ ତଥା ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁବାଶଚନ୍ଦ୍ର ପ୍ରଧାନ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

୨୧ ଲିଟର ୭୫ ଗ୍ରାମ ବିଦେଶୀ ମଦ ଜବତ: ଜଣେ ଗିରଫ

ମାଲକାନଗିରି ,୧୯/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଏସ.ଡି.ପି.ଓ. ଅଂଶୁମାନ ଦ୍ୱିବେଦୀଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ଥାନା ଅଧିକାରୀ ଅନିଲ କୁମାର ପରିଡା ଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ପୋଲିସ ପକ୍ଷରୁ ଓଡିଶା ଅବକାରୀ ଆଇନ ଧାରା ୫୨ ଅନୁଯାଇ ଏକ ସ୍ୱତନ୍ତ୍ର ଟିମ ବିଶେଷ ସୂତ୍ରରୁ ଖବର ପାଇଁ ଚିତ୍ରକୋଣ୍ଡା ସ୍ଥିତ ଢ଼େପସାହି ଘରେ ଚୋରା ଭାବରେବିଦେଶୀ ମଦ ବିକ୍ରି କରୁଥିବାବେଳେ ଅତର୍କିତ ଚଢ଼ାଉ କରି ୨୧ ଲିଟର ୭୫ ଗ୍ରାମ ବିଦେଶୀ ମଦ ଜବତ କରିବା ସହ ଘଟଣା ସ୍ଥଳରୁ ମଦ ବିକ୍ରି କରୁଥିବା ଜଣେ ଅଭିଯୁକ୍ତ ରାକେଶ ସିଙ୍ଗ, ଙ୍କୁ ଥାନାକୁ ଆଣି ଅଟକ ରଖି ଅଧିକ ପଚରା ଉଚରା କରି ଏକ ମାମଲା ରୁଜୁ କରି ଥାନା କେଶ ନମ୍ବର ୬୧ / ୨୦୨୨ ଅନୁଯାୟୀ ଅଭିଯୁକ୍ତ ରାକେଶ ସିଙ୍ଗଙ୍କୁ କୋର୍ଟ ଚାଲାଣ କରାଯାଇଛି !

ବୌଦ୍ଧକୁ ଉତ୍ତରାଚଂଳ ରାଜସ୍ୱ ଆୟୁକ୍ତରେ ସାମିଲ କରାଯିବାକୁ ଜିଲା ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ

ବୌଦ୍ଧ, ୧୨ ମଇ (ହି.ସ.)- ବୌଦ୍ଧ ଜିଲାକୁ ଉତରାଚଂଳ ରାଜସ୍ୱ ଆୟୁକ୍ତରେ ସାମିଲ କରାଯିବାକୁ ଜିଲା ପରିଷଦ ବୈଠକରେ ଆଜି ପ୍ରସ୍ତାବ ଗୃହୀତ ହୋଇଛି । ବୌଦ୍ଧ ଜିଲା ପରିଷଦ ବୈଠକ ଅଧ୍ୟକ୍ଷା ପ୍ରଭାସିନୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ବୌଦ୍ଧ ବିଧାୟକ ପ୍ରଦିପ କୁମାର ଅମାତ ଓ କଂଟାମାଳ ବିଧାୟକ ମହୀଧର ରଣା ଯୋଗଦେଇଥିଲେ । ଜିଲାପାଳ ଲଲାଟେନ୍ଦୁ ମିଶ୍ର ବୈଠକକୁ ପରିଚାଳନା କରିଥିଲେ । ଜିଲାପାଳ ଲଲାଟେନ୍ଦୁ ମିଶ୍ର ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ବିଭିନ୍ନ ବିଭାଗୀୟ ସମୀକ୍ଷା କରାଯିବା ସହିତ ଅଧାରେ ରହିଥିବା ପ୍ରକଳ୍ପ ଗୁଡିକ ତୁରନ୍ତ ସଂପୁର୍ଣ୍ଣ କରାଯିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବୌଦ୍ଧ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ଜିଲାକୁ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତରୁ ବାହାର କରାଯାଇ ଉତରାଚଂଳ ରାଜସ୍ୱ ଆୟୁକ୍ତରେ ସାମିଲ କରାଯିବା ସମ୍ପର୍କରେ ସାଂସଦ ପ୍ରତିନିଧି ତାରେଣି ମହାପାତ୍ର ଆଲୋଚନା କରିବା ସହିତ ଜିଲାପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ଏହି ପ୍ରସ୍ତାବକୁ ଗୃହୀତ କରାଯାଇ ରାଜ୍ୟସରକାରଙ୍କ ନିକଟକୁ ପଠାଯିବାକୁ ନିଷ୍ପତିଗ୍ରହଣ କରାଯାଇଥିଲା । ସମସ୍ତ ଉପସ୍ଥିତ ସଦସ୍ୟ ଏହି ପ୍ରସ୍ତାବକୁ ସ୍ୱାଗତ କରିବା ସହିତ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ସେହିପରି ମହାନଦୀରେ ଜଳ ସଙ୍କଟ ଯୋଗୁଁ ନଦୀ କୂଳରେ ଥାଇ ମଧ୍ୟ ବୌଦ୍ଧ ସହରବାସୀ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଂଚିତ ହେଉଥିବାବେଳେ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଥିବା ଆଡିବନ୍ଧ ନିର୍ମାଣ ଦାବିକୁ ମଧ୍ୟ ପରିଷଦ ବୈଠକରେ ଅନୁମୋଦନ କରାଯାଇଥିଲା । ମହାନଦୀରେ ନିର୍ମାଣାଧିନ ମର୍ଜାକୁଦ ସେତୁ ନିକଟରେ ସ୍ୱଳ୍ପ ଉଚ୍ଚତାରେ ଏକ ଆଡିବନ୍ଧ ନିର୍ମାଣ କରାଯିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ଏଥିପାଇଁ ଯୋଜନା ଓ ବ୍ୟୟ ଅଟଳଳ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଆଡିବନ୍ଧ ନିର୍ମାଣହେଲେ ବୌଦ୍ଧଠାରେ ତଳମୁଣ୍ଡକୁ ବୋହିଯାଉଥିବା ମହାନଦୀ ଜଳ ସଂରକ୍ଷଣ ହେବା ସହିତ ସହରବାସୀଙ୍କ ଜଳକଷ୍ଟ ଦୂର ହୋଇପାରିବ । ବୈଠକରେ ଦିଆଯାଇଥିବା ସୂଚନା ମୁତାବକ, ମନରେଗା ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨୫୨୦୩୯୩ ଲକ୍ଷ ଶ୍ରମ ଦିବସ ସୃଷ୍ଟି ପାଇଁ ଅଟକଳ ଧାର୍ଯ୍ୟ କରାଯାଇଥିବାବେଳେ ଅଦ୍ୟାବଧି ୧୭୯୩୧୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଏଥିପାଇଁ ୯୮୮୪ ୯୮୧୩୫ କୋଟି ବ୍ୟୟ ଅଟକଳ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ୪୪୦୨୪୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । କୃଷିକ୍ଷେତ୍ର ପୋଖରୀ ଖନନ ଯୋଜନାରେ ବୌଦ୍ଧ ବ୍ଲକକୁ ୬୪ ଗୋଟି, ହରଭଙ୍ଗା ବ୍ଲକକୁ ୭୨ ଗୋଟି ଏବଂ କଣ୍ଟାମାଳ ବ୍ଲକକୁ ୧୬୫ ଗୋଟି ପ୍ରକଳ୍ପ ଏହିପରି ମୋଟ ୩୦୩ ଗୋଟି କୃଷିକ୍ଷେତ୍ର ପୋଖରୀ ଖନନ ପାଇଁ ମଂଜୁର କରାଯାଇଛି । ଭୂମି ଉନ୍ନତିକରଣ ଯୋଜନାରେ ହରଭଙ୍ଗା ବ୍ଲକ ପାଇଁ ୧୦ ଗୋଟି ପ୍ରକଳ୍ପ ମଂଜୁରୀ ଦିଆଯାଇ କାର୍ଯ୍ୟ ଚାଲୁରହିଛି । ମନରେଗା ଯୋଜନାରେ ଖେଳପଡିଆ ନିର୍ମାଣ ପାଇଁ ହରଭଙ୍ଗା ବ୍ଲକରେ ୩ ଗୋଟି ଏବଂ କଂଟାମାଳ ବ୍ଲକରେ ଗୋଟିଏ ପ୍ରକଳ୍ପକୁ ମଂଜୁରୀ ଦିଆଯାଇ କାର୍ଯ୍ୟ ଚାଲୁଅଛି । ସେହିପରି ଗ୍ରାମାଂଚଳ ପାର୍କ ଯୋଜନାରେ ହରଭଙ୍ଗା ଓ କଂଟାମାଳ ବ୍ଲକରେ ଗୋଟିଏ ଲେଖାଏଁ ପ୍ରକଳ୍ପକୁ ମଂଜୁରୀ ଦିଆଯାଇ କାର୍ଯ୍ୟ ଚାଲୁଅଛି । ଗ୍ରେଡ ୧ ରାସ୍ତା ଉନ୍ନତିକରଣ ଯୋଜନାରେ ବର୍ତମାନ ସୁଦ୍ଧା ବୌଦ୍ଧ ବ୍ଲକରେ ୨୧ ଗୋଟି ହରଭଙ୍ଗା ବ୍ଲକରେ ୨ ଗୋଟି ଓ କଂଟାମାଳ ବ୍ଲକରେ ୭ ଗୋଟି ଏହିପରି ମୋଟ ୩୦ ଗୋଟି ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଏପର୍ଯ୍ୟନ୍ତ ୯୨୮୦ ଗୋଟି ଗୃହ ନିର୍ମାଣ ପାଇଁ ଲକ୍ଷଧାର୍ଯ୍ୟ କରାଯାଇଥିବାବେଳେ ସେଥିମଧ୍ୟରୁ ୮୭୭୧ ଗୋଟି ଗୃହ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ବୈଠକରେ ଆଲୋଚନା ପାଇଁ ସମସ୍ତ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦର ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେରଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦର ସଭ୍ୟସଭ୍ୟା ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସ୍ୱର୍ଗତ ଡା. ସୁଧିର ପରିଚ୍ଛାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ନରସିଂହ

ବଲାଙ୍ଗିର,୧୯/୦୫ (ନି.ପ୍ର): ଡା. ସୁଧିର ପରିଚ୍ଛା ଥିଲେ ଏକ ମହାନ ଚାଷୀନେତା । କେବଳ ଆମ ଜିଲ୍ଲା ରେ ନୁହେଁ ସମଗ୍ର ରାଜ୍ୟର କୃଷକଙ୍କର ସ୍ୱାର୍ଥ ପାଇଁ ସେ ଲଢୁଥିଲେ । ତାଙ୍କ ଭଳିଆ ଅଦମ୍ୟ ସାହାସି ଚାଷୀ ନେତା ବହୁତ କମ ଦେଖା ଯାଆନ୍ତି । ଅତିତରେ ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ କରି ସେ ହସି ହସି ଜେଲ ଯାଇଥିଲେ । ଆଜି ତାଙ୍କର ମୃତ୍ୟୁର ଏକ ବର୍ଷ ପୁର୍ତି ହୋଇଛି , ତାଙ୍କର ଏହି ଶ୍ରାଦ୍ଧବାର୍ଷୀକି ତାଙ୍କର ପୁର୍ଣ୍ଣାବୟବ ମୁର୍ତି ଅନାବରଣ କଲା ବେଳେ ତାଙ୍କର ନେତୃତ୍ୱରେ ହୋଇଥିବ ପତ୍ୟେକ ଟି ଚାଷୀ ଆନ୍ଦୋଳନ ମନେ ପଡିଯାଉଛି । ତାଙ୍କର କାର୍ଯ୍ୟକଳାପରୁ ପ୍ରେରଣା ପାଇ ଯଦି ଆମେ ଅଂଚଳର କୃଷକମାନଙ୍କ ପାଇଁ ଲଢେଇ ଜାରି ରଖି ପାରିବା ତେବେ ତାହା ହିଁ ହେବ ଡ. ପରିଚ୍ଛାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ବିଡିଘାଟ ପଂଚାୟତ ସ୍ଥିତ ଜନକପୁର ଠାରେ ତାଙ୍କର ପ୍ରତିମୂର୍ତ୍ତି ଅନାବରଣ ସମୟରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଜନସାଧାରଣଙ୍କୁ କହିଛନ୍ତି । ଆଜି ଜନକପୁର ଠାରେ ଡ. ପରିଚ୍ଛାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଥିଲା । ଚାଷୀ ନେତା ତଥା କୃଷକ ମହାସଂଘର ସଭାପତି ଜତି ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଶ୍ରାଦ୍ଧ ବାର୍ଷିକୀ ସଭାରେ ଶ୍ରୀ ମିଶ୍ର ସ୍ୱର୍ଗତ ପରିଚ୍ଛାଙ୍କ ସ୍ମୃତି ଚାରଣ କରି ଉପସ୍ଥିତ ଥିବା ଚାଷୀ ଓ ଚାଷୀନେତାମାନଙ୍କୁ ସ୍ୱର୍ଗତ ପରିଚ୍ଛାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା' ମାଟି ସେବା କରନ୍ତୁ ବୋଲି କହିଥିଲେ । ତାଙ୍କ ସ୍ମୃତି ଚାରଣ ସଭାରେ ପରିଚ୍ଛା ପରିବାର ତରଫରୁ ଚାଷୀନେତା ଚଗଲା ପରିଚ୍ଛା, ଜିଲ୍ଲା କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଶିବତଲା ପୂର୍ବତନ ସରପଂଚ ବାଳକୃଷ୍ଣ ବେହେରା, ବିଶ୍ୱଜିତ ନାଥ, ରାଜ୍ୟ କିଶାନ କଂଗ୍ରେସ ସଭାପତି ସରୋଜ ରଥ, ବିଶ୍ୱଜିତ ନାଥ, ବିରେନ୍ଦ୍ର ରାଉତ, ପଂଚାନନ ବିଶି, ଗୋପ ମେହେର, କଳାକାହ୍ନୁ ବେହେରା, ମହେଶ୍ୱର ପଟେଲ, ସରୋଜ ଗୁରୁ, ଲଳିତ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ମେହେର, ବୁଢାପାଲି ସରପଂଚ ଘାସିରାମ ବେହେରା, ଆଦିବାସୀ ନେତା ଲୋକନାଥ କୁମୁରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇ ସ୍ମୃତି ଚାରଣ କରିଥିଲେ । ସ୍ମୃତି ଚାରଣ ସଭାରେ ଆଖ ପାଖ ଅଂଚଳର ଅନେକ କୃଷକ ମା' ଭଉଣୀମାନେ ଉପସ୍ଥିତ ରହି ଡ. ସୁଧିର ପରିଚ୍ଛା ଅମର ରହେ ବୋଲି ନାରା ଦେବା ଯୋଗୁଁ ସଭା ସ୍ଥଳରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ୱର୍ଗତ ପରିଚ୍ଛାଙ୍କ ପରିବାର ତରଫରୁ ତାଙ୍କ ସ୍ମୃତିରେ ପ୍ରତ୍ୟେକ ବର୍ଷ ଏହି ଦିନ ଏକ ଚାଷୀ ସମାବେଶ ସହ ସ୍ୱର୍ଗତ ପରିଚ୍ଛାଙ୍କ ସ୍ମୃତିରେ କାର୍ଯ୍ୟକ୍ରମ ରଖାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ମାଲକାନଗିରି ମୁଖ୍ୟ ଡାକଘରେ ପୁଣି ଟ୍ରେନ ଟିକେଟ ବିକ୍ରୀ ଆରମ୍ଭ

ମାଲକାନଗିରି,୧୯/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ମୁଖ୍ୟ ଡାକଘରରେ ବହୁ ଦିନ ହେଲା ନାନା ସମସ୍ୟା ଲାଗି ରହିଥିଲା । ବାରନ୍ଧାର ଲିଙ୍କ୍ ରହୁନଥିବା କାରଣରୁ ସେବା ପ୍ରଭାବିତ ହେଉଥିଲା । ସେହିପରି ଡାକଘର ବାରନ୍ଧାର ସ୍ଥାନାନ୍ତର ହେଉଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିଲେ । ତେବେ ଗତ ମାସ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଲକାନଗିରି ଗସ୍ତ କରି ଡାକଘର ନୂତନ କୋଠା ଉଦଘାଟନ କରି ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ଏଠାରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଗକୁ ଆଉ ଲୋକେ ଯେମିତି କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଡାକଘରେ ପୁଣି ଟ୍ରେନ ଟିକେଟ୍ ବିକ୍ରି କରିବାକୁ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ବଳଭଦ୍ର ମାଝିଙ୍କୁ ଅନୁରୋଧ କରିଥିଲେ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ମାଲକାନଗିରି ଗସ୍ତ ବେଳେ ବଳଭଦ୍ର ମାଝି ଏହି ସେବା ଆରମ୍ଭ କରିବାକୁ ଅନୁରୋଧ କରିଥିଲେ । ମନ୍ତ୍ରୀ ତୁରନ୍ତ ରେଳ ବିଭାଗକୁ ନିର୍ଦ୍ଦେଶ ଦେଇ ଆସନ୍ତା ମାସ ସୁଦ୍ଧା କାର୍ଯ୍ୟକାରୀ କରିବାକୁ କହିଥିଲେ । ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପୁଣି ଜିଲ୍ଲା ମୁଖ୍ୟ ଡାକଘରେ ଟ୍ରେନ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି ବୋଲି ପୂର୍ବତନ ସାଂସଦ ବଳଭଦ୍ର ମାଝି ସୂଚନା ଦେଇଛନ୍ତି । ଲୋକେ ଅତି ସହଜରେ ନିଜ ଅଂଚଳରେ ରେଳ ଟିକେଟ୍ ପାଇବେ ବୋଲି ଜଣାଯାଇଛି । ଜିଲ୍ଲାବାସୀ ରେଳମନ୍ତ୍ରୀଙ୍କୁ ଏଥି ପାଇଁ କୃତଜ୍ଞତା ଜଣାଇଛନ୍ତି ।

ପାଇପ୍‌ରେ ଲୁହାପଥର ପରିବହନ ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବେ କେନ୍ଦୁଝର ଟ୍ରକ୍ ମାଲିକମାନେ

କେନ୍ଦୁଝର, ୧୮ ମଇ (ହି.ସ.)- କେନ୍ଦୁଝର ଜିଲ୍ଲାର ଅନେକ ଶିକ୍ଷିତ ବେକାର ଯୁବକ ରଣ ମାଧ୍ୟମରେ ଟ୍ରକ ଖଣ୍ଡିଏ କରି ବଂଚିବା ପାଇଁ ଲଢେଇ କରୁଥିବା ବେଳେ ଏମାନେ ପ୍ରାୟତଃ ଜିଲ୍ଲାର ଖଣି ମାନଙ୍କରୁ ଖଣିଜ ପରିବହନ ଉପରେ ନିର୍ଭର କରିଥାଆନ୍ତି । ଗତ ବର୍ଷାଧିକାଳ ସେମାନଙ୍କ ରାସ୍ତାରେ କେତେବେଳେ ପ୍ରଶାସନର ମନମାନୀ ତ କେତେବେଳେ କମ୍ପାନୀ ମନମାନୀ ବାଧକ ସାଜୁଛି । ଅବଶ୍ୟ ଏଥିରେ କିଛି ମୁଷ୍ଟିମେୟ ବିଶେଷ ପ୍ରଭାବିତ ହେଉ ନଥିଲେ ମଧ୍ୟ ଅଧିକ ସଂଖ୍ୟକ ଟ୍ରକ ମାଲିକମାନେ ପ୍ରଭାବିତ ହେଉଛନ୍ତି । ଟ୍ରକ ମାଲିକମାନେ ସେମାନଙ୍କର ସମସ୍ୟା ସମ୍ପର୍କରେ ଅନେକବାର ଜିଲ୍ଲା ପ୍ରଶାସନ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନଥିବାକୁ ନେଇ ଟ୍ରକ ମାଲିକମାନେ ଚିନ୍ତାରେ ଥିବାବେଳେ ଏବେ କମ୍ପାନୀମାନେ ଟ୍ରକ ଯୋଗେ ଖଣିଜ ପରିବହନ ନକରି ସ୍ମୁରୀ ପାଇପ ଯୋଗେ ପରିବହନ କରିବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଯେଉଁଥିପାଇଁ ସ୍ଥାନୀୟ ଟ୍ରକ ମାଲିକମାନେ ଅଧିକଭାବେ କ୍ଷତିଗ୍ରସ୍ତ ହେବେ । ଜିଲ୍ଲା ପ୍ରଶାସନ ସ୍ଥାନୀୟ ଅଂଚଳର ଯୁବକ ମାନଙ୍କର ରୋଜଗାରର ସୁଯୋଗ ସୃଷ୍ଟି କରିବା ଓ ରୋଜଗାର ମାଧ୍ୟମକୁ ସୁନିଶ୍ଚିତ କରିବା ଦିଗରେ ଆଗ୍ରହ ପ୍ରକାଶ କରିବା ପରିବର୍ତେ ସ୍ଥାନୀୟ ଯୁବକ ମାନଙ୍କର ରୋଜଗାର ଛଡାଇ ନେଉଥିବା କମ୍ପା



ଖୁସି ରହନ୍ତୁ

ଖୁସି ରହିବା ପାଇଁ କୌଣସି ଔଷଧ ନାହିଁ ଯେ ଯାହାକୁ ଖାଇବା ମାତ୍ରେ ସାଙ୍ଗେ ସାଙ୍ଗେ ଜୀବନ ହସ ଖୁସିରେ ଭରି ଉଠିବ । ମନୋବିଦ୍‌ଙ୍କ ଅନୁସାରେ ଖୁସି ଏକ ମାନସିକ ଅବସ୍ଥା ଯାହା କେତୋଟି ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଦ୍ୱାରା ପରିଚାଳିତ ହୋଇଥାଏ । ତେଣୁ ମଣିଷକୁ ସେହି ପ୍ରକ୍ରିୟାଗୁଡ଼ିକୁ ନିଜ ଜୀବନରେ ପ୍ରୟୋଗ କରିବାକୁ ହେବ । ବଡ଼ କଥା ହେଉଛି ଖୁସିର ରିମୋଟ୍ କଣ୍ଟ୍ରୋଲ୍ ନିଜ ହାତରେ ରଖିବାକୁ ହେବ । ଛୋଟ ଛୋଟ ମାନ ଅଭିମାନକୁ ମନରେ ଧରି ରଖିଲେ ଖୁସି ସେହି ଜାଗାକୁ ଆସିବ ନାହିଁ । ବର୍ତ୍ତମାନରେ ବଞ୍ଚିବାର କଳା ଆପଣେଇବାକୁ ହେବ । ନିଜକୁ ସମୟ ଦେବା ସହିତ ନିଜର ତ୍ରୁଟି ସଜାଡ଼ିବାକୁ ପଡ଼ିବ । ଭୁଲ୍ ମାଗିବା ଓ କ୍ଷମା କରିବାର କଳା ଶିଖିବାକୁ ହେବ । ଏହି ନିୟମରେ ବଞ୍ଚିବା ଅଭ୍ୟାସ କଲେ ହୁଏତ ଆମ ଜୀବନରେ ଖୁସିର ଠିକଣା ସ୍ଥାୟୀ ହୋଇପାରିବ ।

ଖୁସି ଏପରି ଏକ ଶବ୍ଦ ଯାହାକୁ ଶୁଣିଲା ମାତ୍ରେ ମନରେ ସକାରାତ୍ମକ ଭାବନା ଆସିବା ଆରମ୍ଭ କରିଥାଏ । ଯେତେବେଳେ ଆମ ଜୀବନରେ ଖୁସି ଥାଏ ସେତେବେଳେ ପ୍ରତ୍ୟେକ କାମ ଆମେ ଦୁଇଗୁଣା ଉତ୍ସାହରେ କରିଥାଉ । କିନ୍ତୁ ବିନା ଖୁସିରେ କାମ ଅତିରିକ୍ତ ବୋଝ ଭଳି ମନେ ହୋଇଥାଏ । କିନ୍ତୁ ବିଗତ କିଛି ମାସର ପରିସ୍ଥିତି ଆମ ସମସ୍ତଙ୍କ ଜୀବନରୁ ଖୁସି ନାମକ ଅଦୃଶ୍ୟ ସଂପତ୍ତିଟିକୁ ହରଣ କରିନେଇଛି । ଆମେ ଚାହିଲେ ବି ଖୁସି ରହିପାରୁନୁ । କିନ୍ତୁ ଆମକୁ ଯେକୌଣସି ପରିସ୍ଥିତିରେ ଖୁସି ରହିବାକୁ ହେବ । ନିଜ ପାଇଁ ନହେଲେ ମଧ୍ୟ ଆମ ପରିବାର, ସାଙ୍ଗସାଥୀ, ସର୍ବୋପରି ଆମ ସମାଜ ପାଇଁ ଆମକୁ ଖୁସିରେ ରହିବାକୁ ହେବ । ଭାବୁଥିବେ କହିବା ଖୁବ୍ ସହଜ । କିନ୍ତୁ ଜୀବନରେ ଖୁସି ଭରିବା ଏତେ ସହଜ ନୁହେଁ । ଠିକ୍ କଥା । ମଣିଷ ଜୀବନରୁ ଯେତେଶୀଘ୍ର ଖୁସି ଚାଲିଯାଏ ସେତେ ସହଜରେ ଫେରିଆସେ ନାହିଁ । ତେବେ ଖୁସସି ରହିବା ପାଇଁ ଅତି କମ୍‌ରେ ଚେଷ୍ଟା ତ କରାଯାଇପାରିବ । ଜୀବନରେ ଯଦି କୌଣସି କାମ ସଠିକ ଉପାୟରେ କରିବାକୁ ହେବ ତେବେ ସିନା ଖୁସିରେ କ'ଣ ତାହା ହୋଇପାରିବ । ଆମେ ମେସିନ୍ ଭଳି କାମ ତ କରିଚାଲିଛୁ । କିନ୍ତୁ ସେଥିରେ କ'ଣ କେଉଁଠି ଖୁସି ଲୁଚି ରହିଥିଲା ଭଳି ମନେ ହେଉଛି । ଲୋକମାନେ ଖୁସିରେ ବଞ୍ଚିବା ପାଇଁ ଏବେ ନାନାବିଧ ଉପାୟ ପଛରେ ଧାଉଁଛନ୍ତି । କିନ୍ତୁ ମନୋବିଦ୍‌ଙ୍କ ଭାଷାରେ ଖୁସି ଆମ ଭିତରେ ହିଁ ଲୁଚି ରହିଛି । ଯାହାକୁ ଲୁଚାଇ ଦେଇଛି ଅବସାଦ, ଅସନ୍ତୋଷ, ଅଶାନ୍ତିର ବହଳ ଆବରଣ । ଏହି ଆବରଣଗୁଡ଼ିକୁ ଧୀରେ ଧୀରେ ମନରୁ ପୋଛିପାରିଲେ ଆମ ଜୀବନକୁ ଖୁସି ଫେରି ଆସିବ । ଆମକୁ ମନେ ରଖିବାକୁ ହେବ ଯେ ପରିସ୍ଥିତି ଆଜି ଯେତିକି ନକାରାତ୍ମକ ଅଛି କାଲିକୁ ହୁଏତ ସେହିପରି ନଥିବ ଅବା ଆହୁରି ଖରାପ ହୋଇଯାଇଥିବ । କିନ୍ତୁ ଆମେ ଯଦି ପରିସ୍ଥିତିକୁ ଭୟ କରି ଜୀବନରୁ ଖୁସିକୁ ଦୂରେଇ ଦେବା ତା' ହେଲେ ଆମେ ଅଜାଣତରେ ନିଜ ପ୍ରତି ଅନ୍ୟାୟ କରିବା । ଏହି ପ୍ରସଙ୍ଗରେ ଏକ ବିଦେଶୀ ବିଶ୍ୱବିଦ୍ୟାଳୟରେ ହୋଇଥିବା ଅଧ୍ୟୟନରେ ଦର୍ଶାଯାଇଛି ଯେ ବର୍ତ୍ତମାନ ସମୟର ଲୋକେ ନିଜ ଜୀବନରୁ ଖୁସିକୁ ବିଦାୟ ଜଣାଇ ପରବର୍ତ୍ତୀ ପିଢ଼ିକୁ ବାଟବଣା କରୁଛନ୍ତି । ଏହି ଅଧ୍ୟୟନରୁ ଏହା ମଧ୍ୟ ଜାଣିବାକୁ ମିଳିଛି ଯେ ପରିବାରର ଯେକୌଣସି ଜଣେ ସଦସ୍ୟ ଅସୁଖୀ ରହିଲେ ପୂରା ପରିବାର ଲୋକଙ୍କ ମନରୁ ଧୀରେ ଧୀରେ ଖୁସି ହଜିଯିବ । ସେମିତି ଗର୍ଭବତୀ ମହିଳା ହସଖୁସିରେ ଦିନ କାଟିବା ପରିବର୍ତ୍ତେ ବିଷାଦଗ୍ରସ୍ତ ରହିଲେ ଗର୍ଭସ୍ଥ ଶିଶୁର ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେବ । ଅର୍ଥାତ ମଣିଷ ମନରୁ ଖୁସି ଚାଲିଗଲେ ସେ ନିଜ ସହିତ ଆହୁରି ଅନେକ ଲୋକଙ୍କୁ ଦୁଃଖୀ କରିଦେବ ।

ଯୋଗାସନରୁ ମିଳିବ ଖୁସି :

ବର୍ତ୍ତମାନର ଜୀବନଶୈଳୀ ପ୍ରକୃତରେ ଲୋକଙ୍କ ଜୀବନରୁ ଖୁସି ଛଡ଼ାଇ ନେଇଛି । ତା' ଉପରେ ପୁଣି କରୋନାର ନାଲି ଆଖି । ମଣିଷ ଚାହିଁଲେ ବି ଖୁସି ରହିପାରୁନାହିଁ । ଭୟର ବାତାବରଣ ଭିତରେ ଖୁସି ରହିବା ସମସ୍ତଙ୍କ ପକ୍ଷରେ ସହଜ ହୋଇନପାରେ । କିନ୍ତୁ ମଣିଷ ଖୁସିରେ ରହିଲେ ଏହି ତା' ଜୀବନରେ ସୁଖ ଓ ଶାନ୍ତି ଆସିବ । ଆଉ ସେ ସୁସ୍ଥ ରହିପାରିବ । ଚିକିତ୍ସା ବିଜ୍ଞାନ ମଧ୍ୟ ଏକଥା ସ୍ୱୀକାର କରିଛି ଯେ ଖୁସି ରହୁଥିବା ଲୋକମାନେ ଦୀର୍ଘାୟୁ ହୋଇଥାଆନ୍ତି । ସେମିତି ବିଭିନ୍ନ ଅଧ୍ୟୟନରୁ ଏକଥା ଜଣାଯାଏ ଯେ ଖୁସିରେ ରହୁଥିବା ଲୋକମାନେ ସାଧାରଣତଃ ସୁସ୍ଥ ରୁହନ୍ତି । ଯେଉଁ ଦେଶର ଲୋକମାନେ ଅଧିକ ଖୁସି ରହନ୍ତି ସେହି ଦେଶର ଲୋକଙ୍କ ମଧ୍ୟରେ ହୃଦଘାତ, ମଧୁମେହ ଏବଂ ଅବସାଦ ଭଳି ସ୍ୱାସ୍ଥ୍ୟ ସମସ୍ୟା। ଅତି କମ୍ ଦେଖିବାକୁ ମିଳେ । ଖୁସି ଏକ ମାନସିକ ପ୍ରକ୍ରିୟା । ଶରୀରରୁ ନିର୍ଗତ ହରମୋନ୍ ମଧ୍ୟ ଖୁସି ରହିବା ପାଇଁ କେତେକାଂଶରେ ଦାୟୀ । ମାନସିକ ଉଦବେଗ ଫଳରେ ମଣିଷ ଶରୀରକୁ ସେହି ହରମୋନ୍ ନିଃସରଣ ଅନେକ କମିଯାଏ । ଫଳରେ ମଣିଷ ଅପେକ୍ଷାକୃତ ଅଧିକ ଉଦାସ ହୋଇଉଠେ । ଜାଣନ୍ତି କି ଯୋଗାସନ ମଣିଷକୁ ଖୁସି ରଖିବାରେ ବେଶ୍ ସହାୟକ ହୋଇପାରିବ । ଏକଥା ମନୋବିଦ୍‌ମାନେ ମଧ୍ୟ ଜୋର୍ ଦେଇ କହୁଛନ୍ତି । ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ଏହା ସ୍ୱୀକାର କରିଛି ଯେ ମଣିଷ ଖୁସିରେ ରହିବାକୁ ଚାହିଁଲେ ଯୋଗର ସହାୟତା ନିଆ ଯାଇପାରିବ । ତେବେ ସବୁ ସବୁ ଯୋଗମୁଦ୍ରା ନୁହେଁ, ବରଂ କେତୋଟି ନିର୍ଦ୍ଦିଷ୍ଟ ଯୋଗ ମଣିଷକୁ ଖୁସି ରଖିବାରେ ସହାୟକ ହୋଇପାରିବ । ପ୍ରତିଷ୍ଠିତ ଯୋଗଗୁରୁମାନଙ୍କ କହିବା ହେଲା ପ୍ରାଣ ଯୋଗ ଅଭ୍ୟାସ କରିବା ଦ୍ୱାରା ମଣିଷ ମନରୁ ଯାବତୀୟ ଅବସାଦ ଦୂରେଇବା ସହିତ ସେ ଖୁସିରେ ବଞ୍ଚିପାରିବ । ପ୍ରାଣ ଯୋଗ କଳା ସମୟରେ ଶରୀରରେ ଅଗ୍ନି ଏବଂ କମ୍ପନ ଦୁଇଟି ଯାକ ହୋଇଥାଏ ଯାହାଦ୍ୱାରା ଶରୀରକୁ ପ୍ରାକୃତିକ ଶକ୍ତି ମିଳିଥାଏ । ଏହି ଯୋଗ ଅଭ୍ୟାସ କରିବା ଦ୍ୱାରା ମଣିଷକୁ ସୁଖଦ ଅନୁଭୂତି ପ୍ରାପ୍ତ ହୋଇଥାଏ । ଫଳରେ ସେ ଖୁସିରେ ରହିବା ଆରମ୍ଭ କରେ । କାରଣ ତା'ର ମନ ଏହି ଯୋଗାଭ୍ୟାସ ଦ୍ୱାରା ପ୍ରଫୁଲ୍ଲିତ ହେବାକୁ ଆରମ୍ଭ କରିଥାଏ । ପ୍ରାଣଯୋଗକୁ ଖୁସି ଏବଂ ଚାପମୁକ୍ତ ଜୀବନର ମୂଳମନ୍ତ୍ର କୁହାଯାଉଛି । ଏହି ଯୋଗମୁଦ୍ରାକୁ ନିୟମିତ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହେଉଥିବାର ପ୍ରମାଣ ମିଳିଛି । ତେବେ ଉଚ୍ଚ ରକ୍ତଚାପ ରୋଗୀମାନେ ଏହି ମୁଦ୍ରା ଅଭ୍ୟାସ କରିବା ପୂର୍ବରୁ ଚିକିତ୍ସକଙ୍କ ସହିତ ପରାମର୍ଶ କରିନେବା ଉଚିତ । ପ୍ରାଣ ଯୋଗ କରିବା ଦ୍ୱାରା କେବଳ ମନ ଚାପମୁକ୍ତ ରହେ ନାହିଁ । ବରଂ ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଓ ଏକାଗ୍ରତା ବଢ଼ାଇଥାଏ ।

ଖୁସି ରହିବାର ମନ୍ତ୍ର :

ଖୁସିରେ ବଞ୍ଚିବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କିନ୍ତୁ ପରିବେଶ ଓ ପାରିପାର୍ଶ୍ୱିକ ପରିସ୍ଥିତି ଆମ ଜୀବନରୁ ଖୁସ ଛଡ଼ାଇ ନେଉଛି । ତଥାପି ଆମକୁ ଖୁସିରେ ରହିବାକୁ ହେବ । କାରଣ ଆମ ଖୁସି ସହିତ ଆହୁରି ଅନେକ ଲୋକଙ୍କ ଖୁସି ଯୋଡ଼ି ହୋଇରହିଛି । ଖୁସି ରହିବାର ମୂଳ ମନ୍ତ୍ର ହେଲା ଖୁସିକୁ ଚୟନ କରିବା ବା ବାଛିବା । ଆମେ ଖୁସିରେ ରହିବୁ କି ଦୁଃଖରେ ଏହା ଆମ ବିଚାରଧାରା ଉପରେ ନିର୍ଭର କରେ । ପରିସ୍ଥିତି ସବୁବେଳେ ଆମ ଇଚ୍ଛାନୁସାରେ ହୋଇନଥାଏ । ଏଥିପାଇଁ ଦୁଃଖ କରିବା ପରିବର୍ତ୍ତେ ଯେଉଁ ଉତ୍ସରୁ ଖୁସି ମିଳୁଛି ସେହି ଉତ୍ସଟିକୁ ଖୋଜିବା ଦରକାର । ନିଜ ମନକୁ ନିର୍ଭେଜାଲ୍ ଖୁସିରେ ଭରି ଦେବାର ଆଉ ଏକ ଉପାୟ ହେଉଛି ଅନ୍ୟ ସହିତ ନିଜକୁ ତୁଳନା କରିବାର ଭାବନାକୁ ବାହାର କରିଦେବା । ଯେଉଁଦିନ ଆପଣ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ଛାଡ଼ିଦେବେ ଦେଖିବେ ଆପଣଙ୍କ ଜୀବନକୁ ଧୀରେ ଧୀରେ ଖୁସିର ଆଗମନ ହେବ । ଭୁଲ୍ ମାଗିବା ଶିଖନ୍ତୁ । କ୍ଷମା କରିବାର କଳା ମଧ୍ୟ ଆପଣେଇ ନିଅନ୍ତୁ । ଦେଖିବେ ଧୀରେ ଧୀରେ ଆପଣଙ୍କ ଜୀବନରେ ଖୁସିର ଠିକଣା ସ୍ଥାୟୀ ହୋଇଯିବ ।

ରହସ୍ୟମୟ ଗାଟା ଲୁପ୍ସ ସଡ଼କ

ଦେଶବିଦେଶରୁ ବହୁ ପର୍ଯ୍ୟଟକ ହିମାଚଳ ପ୍ରଦେଶ ବୁଲି ଆସନ୍ତି । ଏଠାକାର ପ୍ରକୃତିର ସୌନ୍ଦର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଥାଏ । ହେଲେ ଏହି ସ୍ଥାନରେ ଏମିତି କିଛି ରହସ୍ୟମୟ ସ୍ଥାନ ଅଛି ଯାହା ବିଷୟରେ ଅନେକେ ଜାଣିନାହାନ୍ତି । ସେମିତି ଗୋଟିଏ ସ୍ଥାନ ହେଲା ଗାଟା ଲୁପ୍ସ । ମୋଟା ଲୁପ୍ସ ଚକ୍ରାକାର ସଡ଼କ ପାଇଁ ପ୍ରସିଦ୍ଧ । ଗାଟା ଲୁପ୍ସରେ ୨୧ଟି ଚକ୍ରାକାର ସଡ଼କ ରହିଛି । ସଡ଼କଟି ସମୁଦ୍ର ପତ୍ତନଠାରୁ ୧୭ ହଜାର ଫୁଟ୍ ଉଚ୍ଚରେ ଅବସ୍ଥିତ । ଏତେ ଉଚ୍ଚତାରେ ଥିବା ପାହାଡ଼ିଆ ରାସ୍ତା ଦେଇ ଯିବାଆସିବା କରିବାକୁ ଲୋକେ ଭୟ କରନ୍ତି । ହେଲେ ମାଲବାହୀ ଟ୍ରକଗୁଡ଼ିକ ଏହି ରାସ୍ତାରେ ଯାଇଥାଏ । ଶୀତଦିନେ ତୁଷାରପାତ ଯୋଗୁଁ ଗାଟା ଲୁପ୍ସ ସଡ଼କ ବନ୍ଦ ହୋଇଯାଏ । ଏହି ସଡ଼କକୁ ନେଇ ଅନେକ ରହସ୍ୟମୟ କାହାଣୀ ରହିଛି । ଏହି ରାସ୍ତାରେ ଥିବା ଏକ ମନ୍ଦିର ପ୍ରେତାତ୍ମା ଉଦ୍ଦେଶ୍ୟରେ ସମର୍ପିତ । କୁହାଯାଏ ଯେ ଏହି ସ୍ଥାନରେ ଲୋକମାନେ ପ୍ରେତାତ୍ମା ପାଇଁ ପାଣି ବୋତଲ ରଖି ଯାଇଥାନ୍ତି । ଲୋକେ ଏପରି କରିବା ପଛରେ ଏକ

କାହାଣୀ ରହିଛି । ୧୯୯୯ ମସିହାର କଥା । ଗୋଟିଏ ଟ୍ରକ ଗୋଟା ଲୁପ୍ସ ରାସ୍ତାରେ ଯିବାବେଳେ ଖରାପ ହୋଇଯାଇଥିଲା । ଡ୍ରାଇଭର ଓ ହେଲପର ଟ୍ରକ ମରାମତି କରିବାକୁ ବହୁ ଚେଷ୍ଟା କରିଥିଲେ । କିନ୍ତୁ ଟ୍ରକ ଠିକ୍ ହୋଇନଥିଲା । ତୁଷାରପାତ ଯୋଗୁ ରାସ୍ତା ବନ୍ଦ ହୋଇ ଯାଇଥିଲା । ପାଖ ଗାଁକୁ ସାହାଯ୍ୟ ମାଗିବାକୁ ଯିବାକୁ ଡ୍ରାଇଭର ଭାବିବା ବେଳକୁ ଅଚାନକ ହେଲପରର ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା । ବାଧ୍ୟ ହୋଇ ଡ୍ରାଇଭର ଏକା ପାଖ ଗାଁକୁ ଚାଲି ଯାଇଥିଲେ । କିଛି ଦିନ ପରେ ଡ୍ରାଇଭର ଗାଁ ଲୋକଙ୍କୁ ନେଇ ଟ୍ରକ ପାଖକୁ ଆସିଥିଲେ । ହେଲେ ସେତେବେଳକୁ ହେଲପରର ମୃତ୍ୟୁ ହୋଇ ସାରିଥିଲା । ଲୋକମାନେ ହେଲପରର ସେହି ସ୍ଥାନରେ ଅନ୍ତିମ ସଂସ୍କାର କରିଥିଲେ । ହେଲପର୍ ମରିଥିବା ସ୍ଥାନରେ ଛୋଟ ଘରଟିଏ ତିଆରି କରି ଦେଇଥିଲା । କୁହାଯାଏ ଯେ, ହେଲପରର ଆତ୍ମା ଆଜି ବି ଗାଟା ଲୁପ୍ସରେ ଘୂରି ବୁଲୁଛି । ଆଜି ବି ଲୋକେ ଗାଟା ଲୁପ୍ସ ସଡ଼କ ଦେଇ ଯିବା ସମୟରେ ସେହି ଘର ସାମ୍ନାରେ ପାଣି ଏବଂ ଆବଶ୍ୟକ ସାମଗ୍ରୀ ରଖି ଦେଇଯାଆନ୍ତି ।

କଲାର୍ ବରା

ରେସିପିର ନାମରୁ ପାଠକବନ୍ଧୁ ଅନୁମାନ କରିପାରୁଥିବେ ଯେ ଏହା କଦଳୀ ବରା ହୋଇଥିବ । ଠିକ୍ ଅନୁମାନ କରିଛନ୍ତି । ବଙ୍ଗଳା ଭାଷାରେ କଲାର ଅର୍ଥ କଦଳୀ । କଞ୍ଚା କଦଳୀରେ ବରା ହୋଇଥାଏ । କେହି କେହି ଏହାକୁ କଟଲେଟ୍ ନହେଲେ କୋଫ୍‌ତା ମଧ୍ୟ କହିଥାନ୍ତି । କିନ୍ତୁ ବଙ୍ଗଳାରେ ଯେଉଁ କଲାର୍ ବରା ପ୍ରସ୍ତୁତ ହୋଇଥାଏ ତାହା କଞ୍ଚା ନୁହେଁ, ବରଂ ପାଚିଲା କଦଳୀରେ ହୋଇଥାଏ । ବିଶେଷ କରି ଏହାକୁ ଏକ ସ୍ନାକ୍ସ ଭାବରେ ଖିଆଯାଇଥାଏ । ବିଦେଶରେ ଯଦିଓ ଏହା ରାଇପ୍ ବାନାନା ଫ୍ରିଟର୍ସ ନାଁରେ ପରିଚିତ । କଲାର୍ ବରା ଏକ ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ରେସିପି । ଏହାକୁ ପ୍ରସ୍ତୁତ କରିବା ପାଇଁ ପାଚିଲା କଦଳୀ ଦରକାର ହୋଇଥାଏ । ଯେଉଁ କଦଳୀ ଅଧିକ ପାଚିଯାଇଥାଏ ଓ ଖାଇବାକୁ ଭଲ ଲାଗେ ନାହିଁ ସେଭଳି କଦଳୀରେ ବାନାନା ଫ୍ରିଟର୍ସ ଭଲ ହୋଇଥାଏ । ଯଦିଓ ଏହାକୁ ଡିପ୍ ଫ୍ରାଏ ଅର୍ଥାତ ତେଲରେ ଛଣା ଯାଇଥାଏ ଏଥିରେ କାର୍ବୋହାଇଡ୍ରେଟ୍ ଏବଂ ଫ୍ୟାଟ୍ ଅଧିକ ତଥାପି ମଝିରେ ମଝିରେ ଏହାକୁ ଖାଇଲେ ଅସୁବିଧା ନାହିଁ । ତେଲରେ ଛାଣିବା ବଦଳରେର ଫ୍ରାଇ ପ୍ୟାନ୍‌ରେ ଅଳ୍ପ ତେଲରେ ମଧ୍ୟ ଏହାକୁ ପ୍ରସ୍ତୁତ କରିହେବ । ଏହାକୁ ପ୍ରସ୍ତୁତ କରିବା ପାଇଁ ପାଚିଲା କଦଳୀ, ଅଟା କିମ୍ବା ମଇଦା, ଚାଉଳ ଚୂନା, ଗୁଡ଼ ଏବଂ ଛାଣିବା ପାଇଁ ରିଫାଇନ ତେଲ ଦରକାର ହୋଇଥାଏ ।

ପ୍ରସ୍ତୁତି: କଲାର୍ ବରା ପ୍ରସ୍ତୁତ କରିବାକୁ ହେଲେ ପାଚିଲା କଦଳୀ ୩ଟା (ଅଧିକ ପାଚିଥିଲେ ଆହୁରି ଭଲ), ନଡ଼ିଆ କୋରା ୧ କପ୍, ଅଟା କିମ୍ବା ମଇଦା ୧ କପ୍ (ଦରକାର ହେଲେ ଆଉ ଟିକେ ନେଇପାରିବେ), ଚାଉଳ ଚୂନା ୨ ଟେବଲ୍ ଚାମଚ, ଗୁଡ଼ ୧ କପ୍, ଲୁଣ ସାମାନ୍ୟ, ଛାଣିବା ପାଇଁ ଆବଶ୍ୟକ ମୁତାବକ ରିଫାଇନ୍ ତେଲ । ପାଚିଲା କଦଳୀକୁ ଭଲ କରି ଚକଟି ଦେବେ । ଅଧିକ ପାଚିଲା କଦଳୀ ହୋଇଥିଲେ ଆହୁରି ଭଲ । ଏହାପରେ ସେଥିରେ କୋରା ନଡ଼ିଆ, ଅଟା କିମ୍ବା ମଇଦା, ଚାଉଳ ଚୂନା ଏବଂ ଲୁଣ ମିଶାଇ ଭଲ କରି ଗୋଳାନ୍ତୁ । ଏଥିରେ ଯେମିତି ଗୁଳା ରହିନଯାଏ ଧ୍ୟାନ ଦେବେ । ଏହାପରେ ଏଥିରେ ଗୁଡ଼ ମିଶାଇବେ । ଭଲ କରି ହାତରେ ଚକଟି ଏକ ଘୋଳ ପ୍ରସ୍ତୁତ କରିବେ । ଯଦି ଘୋଳ ପତଳା ହୋଇଯାଏ ତେବେ ଆଉ ଟିକେ ମଇଦା ମିଶାଇ ପାରିବେ । ସେହି ଅନୁସାରେ ଆପଣର ଗୁଡ଼ କି ଚିନି ମିଶାଇବେ । ଏହା ପରେ କରୋଇରେ ତେଲ ଗରମ କରନ୍ତୁ । ତେଲ ଭଲ କରି ଗରମ ହୋଇଗଲା ପରେ ଆଞ୍ଚ ଧିମା କରନ୍ତୁ । ଏହାପରେ ହାତରେ ନହେଲେ ଚାମଚରେ ଅଳ୍ପ ଅଳ୍ପ ଘୋଳ ନେଇ ଛାଣନ୍ତୁ । ସୁନେଲି ରଙ୍ଗର ହୋଇଗଲେ ତେଲରୁ କାଢ଼ି ଆଣନ୍ତୁ । ଆପଣ ଚାହିଁଲେ ଏହାକୁ ଫ୍ରାଇ ପ୍ୟାନ୍‌ରେ ଅଳ୍ପ ତେଲ ଦେଇ ମଧ୍ୟ ଭାଜିପାରିବେ । ଥଣ୍ଡା ହେଲା ପରେ ଖାଇବେ । ଆପଣ ଚାହିଁଲେ ଏହାକୁ ଏୟାର୍ ଟାଇଟ୍ କଣ୍ଟେନର୍‌ରେ ୩ ରୁ ୪ ଦିନ ରଖିପାରିବେ । ଇଚ୍ଛା ହେଲେ ଆପଣ ଗୁଡ଼ ବଦଳରେ ଚିନି ବ୍ୟବହାର କରିପାରିବେ । ଇଚ୍ଛା ହେଲେ ଗୁଜରାତି ଗୁଣ୍ଡ ମିଶାଇ ପାରିବେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଅସ୍ଥିରତା...

ଭାରତର ସୀମାପରେ କିଛିଦିନ ହେଲା ଅସ୍ଥିରତା ଉତ୍ପନ୍ନ ହୋଇଛି । ପ୍ରତ୍ୟକ ନିୟନ୍ତ୍ରଣ ରେଖାକୁ ନେଇ ଲାଗି ରହିଥିବା ଅସ୍ଥିରତା ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ଚୀନ୍ ସରକାର ଯେହେତୁ ଶାନ୍ତି କଥାବାର୍ତ୍ତା ନେଇ ସମ୍ମତ ହେଉନାହାନ୍ତି, ତେଣୁ ଉଭୟ ଦେଶ ଭିତରେ ଆଲୋଚନା ଆଗେଇ ପାରୁନାହିଁ । ସମ୍ପ୍ରତି ୟୁକ୍ରେନ୍ ବିରୋଧରେ ରୁଷ ରକ୍ତମୁଖା ହୋଇଥିବାବେଳେ ଭାରତ ଓ ଚୀନ୍ ମଧ୍ୟରେ ସୀମାନ୍ତ ସମସ୍ୟା ନେଇ ବୈଠକରେ ଲାଗିରହିଛି ଅସ୍ଥିର । ନା' ଆଲୋଚନା ସମ୍ପର୍କିତ ବରଫ ତରଳୁଛି, ନା' ଉଚ୍ଚ ସାମରିକ ଅଧିକାରୀଙ୍କ ବୈଠକରେ କିଛି ଆଖିଦୃଶିଆ ଅଗ୍ରଗତି ହେଉଛି । ତାହାରି ଭିତରେ କେଉଁ ଉଦ୍ଦେଶ୍ୟରେ ଚୀନ୍ ପକ୍ଷରୁ ଭାରତ ସୀମାନ୍ତରେ ପ୍ରାୟ ଦଶଲକ୍ଷ ସୈନ୍ୟ ଠୁଳ କରାଯାଇଛି, ତାହା ଭାରତ ପାଇଁ ଏକପ୍ରକାର ଅବୋଧ ରହିଯାଇଛି । ଚୀନ୍ ସୀମାନ୍ତକୁ ଲାଗି କରିଥିବା ପ୍ରକୃତ ନିୟନ୍ତ୍ରଣ ରେଖା ଉଲ୍ଲଙ୍ଘନ କରିବା ଲକ୍ଷ୍ୟରେ ତିନି ଡିଭିଜିନ୍ ସୈନ୍ୟ ଠୁଳ କରାଯିବା ଦୃଷ୍ଟିରୁ ଭାରତର ଉତ୍ତର-ପୂର୍ବ କ୍ଷେତ୍ରର ସମ୍ବେଦନଶୀଳତା ପ୍ରସଙ୍ଗ ଭିତରକୁ ଆସିଯାଉଛି । ଚୀନ୍ ଭାରତର ତେଜପୁର ଓ ଅନ୍ୟ ପ୍ରାନ୍ତରେ ଅନୁପ୍ରବେଶ କରିବା ପାଇଁ ତତ୍ପରତା ଦେଖାଇପାରେ ବୋଲି ଆଶଙ୍କା ଦେଖାଦେଇଛି । ସେହିଭଳି ଉତ୍ତର ପ୍ରଦେଶରେ ଥିବା ଦୁଇ ଡିଭିଜନ୍ ସୈନ୍ୟ ଏବେ ଠୁଳ ରହିଛନ୍ତି । କେବଳ ସେତିକି ନୁହେଁ, ଉତ୍ତରାଖଣ୍ଡର ଏକ ଟ୍ରାଇକ୍ କୋକୁ କେନ୍ଦ୍ରୀୟ କମାଣ୍ଡ ଅଧୀନକୁ ଅଣାଯାଇଛି । ଲଦାଖ ସେକ୍ଟରରେ କାର୍ଯ୍ୟରତ ଛଡ଼ା ଝାଡ଼ଖଣ୍ଡ ପାଇଁ ରାଷ୍ଟ୍ରୀୟ ରାଇଫଲ୍ ବାହିନୀକୁ ସଶକ୍ତ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଚୀନ୍ ସମୟାନ୍ତରରେ ସୀମାନ୍ତରେ ଉତ୍ତେଜନାକୁ ବଞ୍ଚାଇ ରଖିବାକୁ ଚାହେଁ । ମଧୁ ତିଷ୍ଠତି ଜିହ୍ୱାଗ୍ରେ ହୃଦୟେତୁ ହଳାହଳ ନ୍ୟାୟରେ ଚୀନ୍ କେତେବେଳେ କ'ଣ କରିବ, ତାହା ତାକୁ ହିଁ ଜଣା । ତାହାରି ଭିତରେ ଚୀନ୍ ପକ୍ଷରୁ ଗଲୱାନ୍ ଘାଟିରେ ଘନଘନ ଅନୁପ୍ରବେଶ ଭାରତ ସହ ସମ୍ପର୍କକୁ ତିକ୍ତ କରି ଦେଇଥିଲା । ତାହା ବାଦ୍ ଚୀନ୍ ପ୍ରତିନିଧି ମଣ୍ଡଳ ଭାରତ ଆସି ଭଲ ସମ୍ପର୍କ ବଢାଇବାକୁ ପ୍ରୟାସ କରିଥିଲେ । ଭାରତ କୂଟନୀତିରେ କିଭଳି ଚୀନ ସହ ତାଳମେଳ ରଖିବ, ସେଥିନେଇ ପରିପକ୍ୱ ଗୋଟି ଚାଳନା କରିଚାଲିଥିବା ଭିତରେ ସାମରିକ ସମ୍ପର୍କରେ ଚୀନ୍ ବିଷମତା ଭରିଦେବ, ତାହା କିଏ ଜାଣେ ? ବିସ୍ତାରବାଦ ହେଉଛି ଚୀନ୍ ଦେଶର ପ୍ରମୁଖ ନୀତି । ଅରୁଣାଚଳ ପ୍ରଦେଶ ବିସ୍ତୀର୍ଣ୍ଣ ଇଲାକାକୁ ନିଜ ଦଖଲରେ ରଖି ଚୀନ୍ ତା'ର ବସତି ସ୍ଥାପନ କରୁଛି । ଗଲୱାନ, ଲଦାଖ ଭଳି ଅନ୍ୟ କ୍ଷେତ୍ରରେ ଚୀନ୍ ତା'ର ବିସ୍ତାରବାଦୀ କାର୍ଯ୍ୟକଳାପ ଏବେ ବି ଜାରି ରଖିଛି । ପଣ୍ଡିତ ଜବାହରଲାଲ ନେହରୁଙ୍କ ଅମଳରେ ଚୀନ୍ ସହ ପ୍ରଥମ ଯୁଦ୍ଧ ହୋଇଥିଲା । ସେତେବେଳେ ଚୀନ୍ ପ୍ରଧାନମନ୍ତ୍ରୀ ଥିଲେ ଚାଉ- ଏନ୍ ଲାଇ । ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଏବଂ ଚାଉ- ଏନ୍ ଲାଇଙ୍କ ଭିତରେ ଶାନ୍ତିର କପୋତ ଉଡ଼ାଗଲା ପରେ ପଞ୍ଚଶୀଳ ନୀତି ଘୋଷଣା କରାଗଲା । ମାତ୍ର ଚୀନ୍‌ର ପୁରୁଣା ଖୋଇ ସେମିତି ରହିଗଲା ଭଳି ଲାଗୁଛି । ଶ୍ରୀଲଙ୍କା ଓ ପାକିସ୍ତାନ ସହିତ ବାଂଲାଦେଶରେ ଚୀନ୍ ମହାଜନୀ ଚଳାଇଛି । ଋଣ ପରିଶୋଧ କରି ନପାରିଲେ ଆଦାୟ କରୁଛି ଚକ୍ରବୃଦ୍ଧି ହାରରେ ସୁଧ। ଦେବାଳିଆ ହେଲା ପର୍ଯ୍ୟନ୍ତ ଏହି ଖାତକ ଦେଶଗୁଡ଼ିକ ଉପରେ ଚୀନ୍ ହାକିମାତି ଚଳାଇ ସଂପୃକ୍ତ ଦେଶର ବନ୍ଦରୀଚଳ, ସାମରିକ ଘାଟି ସ୍ଥାପନ କରି ମହାଜନୀ ନୀତି ଜରିଆରେ ଆପଣା କର୍ତ୍ତତ୍ ସାବ୍ୟସ୍ତ କରିବାରେ ଲାଗିଛି । ଏହି ପ୍ରକ୍ରିୟାର ଶେଷ ଏତେ ଶୀଘ୍ର ହେଉନାହିଁ । ବିଶ୍ୱ ଦରବାରରେ କରୋନା ସଂକ୍ରମଣ ପାଇଁ ଭାବମୂର୍ତ୍ତି ଖରାପ କରି ସାରିଥିବା ଚୀନ୍ ନେତୃତ୍ୱ ଭାରତ ଭଳି ଶାନ୍ତିପ୍ରିୟ ଦେଶ ଉପରେ ପ୍ରଭାବ ବିସ୍ତାର ସକାଶେ ଶେନ ଦୃଷ୍ଟି ପକାଇଥିବା ପରିପ୍ରେକ୍ଷୀରେ ଆମ ଦେଶର ପରିପକ୍ୱ ନେତୃତ୍ୱ ଠିକଣା ସମୟରେ ଯଥାଯଥ କାର୍ଯ୍ୟାନୁଷ୍ଠାନ କରିବେ । ନେପାଳ, ବାଂଲାଦେଶ, ଶ୍ରୀଲଙ୍କା ଓ ପାକିସ୍ତାନ ଭଳି ଭାରତର ପ୍ରତିବେଶୀ ଦେଶଗୁଡ଼ିକର ସ୍ଥିତି ଦେଖିଲେ ବିସ୍ତାରବାଦୀ ନେତୃତ୍ୱ କଦାପି ସଫଳ ହେବ ନାହିଁ । ସେ ବିଷୟରେ ଭାରତ ସରକାର ଓ ଜନସାଧାରଣ ସଚେତନ ରହିଛନ୍ତି । କିନ୍ତୁ ପରିବର୍ତ୍ତିତ ସ୍ଥିତିକୁ ଦେଖି ବ୍ୟବସ୍ଥା କରାନଗଲେ ତାହା ଦିନେ ନେଡି ଗୁଡ କହୁଣୀକୁ ବୋହିଯିବା ଭଳି ହେବ ନାହିଁ କିଏ କହିବ ! କୂଟନୀତି ସବୁବେଳେ ଚୀନ୍‌ର ବିସ୍ତାରାବାଦୀ ନୀତିକୁ ସମର୍ଥନ କରିବ ସେଭଳି କିଛି କଥା । ଶ୍ରୀଲଙ୍କା ଓ ପାକିସ୍ତାନ ଭଳି ଦେଶ ଏବେ ଦେବାଳିଆ ହୋଇ ସାରିଛନ୍ତି । ଇମ୍ରାନ ଖାନ୍‌ଙ୍କ ସ୍ଥାନରେ ନୂତନ ନେତୃତ୍ୱକୁ କ୍ଷମତା ଦଇ ଦେଶବାସୀ ଠିକ୍ କରିଛନ୍ତି କି ନାହିଁ ତାହା ଚୀନ୍ ଉପରେ ନିର୍ଭରଶୀଳ ଅର୍ଥନୀତି ଦେଖିଲେ ଜାଣିହେବ। ସେହିଭଳି ଚୀକୁ ସମର୍ଥନ ଦେଉଥିବା ଗୋଟାବାୟା ରାଜପାଣ୍ଡେଙ୍କ ପାଇଁ ସ୍ଥିତି କିଭଳି ଦୋଦୂଲ୍ୟମାନ ତାହା ଶ୍ରୀଲଙ୍କାବାସୀ ଛତ୍ର ଛତେ ଅନୁଭବ କରୁଛନ୍ତି । ଭାରତ ଯେହେତୁ କେନ୍ଦ୍ରୀୟ ଭୂମିକାରେ ରହିଛି ତାହାର ନିଶ୍ଚୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରିବାକୁ ହେବ।

ଟେଲିଫୋନର ମଜା ଶହେ କୋଶ ଦୂରରୁ.....

ବିଷ୍ଣୁ ରଞ୍ଜନ ପାଣିଗ୍ରାହୀ

ପିଲାଦିନରେ ପାଠପଢ଼ା ଓଡ଼ିଆ ବହିରେ ଏକ ଅଧ୍ୟାୟରେ ଲେଖାଥିଲା 'ଟେଲିଫୋନର ମଜା ଶହେ କୋଶ ଦୂରରୁ ଫୋନ୍ କରୁଛି ଅଜା...'। ଆଜିର ସମୟରେ ସେ ସମୟର ଅଜାମାନେ ବର୍ତ୍ତମାନ କିନ୍ତୁ ହାତପାହାନ୍ତାରେ ସ୍ମାର୍ଟଫୋନ ଭିତରେ ଆଇସହ ସୁଖଦୁଃଖ ହୋଇପାରୁଛନ୍ତି। ବର୍ତ୍ତମାନର ସମୟକୁ ଦେଖିଲେ ଜଣାଯାଏ ମୋବାଇଲ ଫୋନ୍ ଆମ ଜୀବନକୁ ଖୁବ୍ ମାତ୍ରାରେ ପ୍ରଭାବିତ କରିଛି। ୧୯୧୮ରେ ଜର୍ମାନ ରୋଡ଼ୱେଜ୍ ତରଫରୁ ବର୍ଲିନରୁ ଯୋସେନ ମଧ୍ୟରେ ଚାଲୁଥିବା ମିଲିଟାରୀ ଟ୍ରେନ ମାନଙ୍କରେ ୱାରଲେସ ଫୋନ ଆରମ୍ଭ ହୋଇଥିଲା। ୧୯୨୪ରେ ବର୍ଲିନ୍‌ରୁ ହାମ୍‌ବର୍ଗ ମଧ୍ୟରେ ଚାଲିଥିବା ଯାତ୍ରୀବାହୀ ଟ୍ରେନରେ ମଧ୍ୟ ତାର ବିହୀନ ଫୋନ୍ ଆରମ୍ଭ କରାଯାଇଥିଲା। ବେତାର ଫୋନ ଭାବେ ହ୍ୟାଣ୍ଡହେଲ୍ଡ ରେଡ଼ିଓ ଟ୍ରାନ୍ସିଭରସ୍ ୧୯୪୦ ଯାଏ ବ୍ୟବହାର କରାଯାଉଥିଲା। ଆମେରିକାର ଫେଲଲ୍ୟାବ୍ ୧୭ ଜୁନ୍ ୧୯୪୬ରେ ମୋବାଇଲ ଫୋନ ସେବା ଆରମ୍ଭ କରିଥିବାର ଜଣାଯାଏ। ମସ୍କୋର ଜଣେ ଇଞ୍ଜିନିୟର ଲିଓନିଡ୍ କୁପ୍ରିୟାନୋଭିକ୍ ୧୯୫୭ରୁ ୧୯୬୧ ମଧ୍ୟରେ ପକେଟ ସାଇଜ କମ୍ୟୁନିକେସନ ରେଡ଼ିଓ ନିର୍ମାଣ ସହିତ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲେ। ମୋର୍ଟଲା କମ୍ପାନୀର ଇଞ୍ଜିନିୟର ମାର୍ଟିନ କୁପର୍‌ଙ୍କୁ ସେଲ୍ ଫୋନର ଜନକ ବୋଲି କୁହାଯାଏ। ଅପ୍ରେଲ ୧୯୭୩ରେ କୁପର୍ ଗୋଟେ ମୋବାଇଲ ସେଟ ଯୋଗେ ପ୍ରଥମେ କଥାବାର୍ତ୍ତା ହୋଇଥିଲେ। ଜର୍ମାନ, ଆମେରିକା, ଋଷିଆ ଆଦି ଦେଶ ତୁଳନାରେ ଭାରତରେ ବହୁ ପରେ ଯାଇ ମୋବାଇଲ ଫୋନ ସେବା ଆସିଥିଲା। ୧୯୯୪ରେ ପ୍ରଥମଥର ପାଇଁ ଆମ ଦେଶରେ ବେସରକାରୀ ସଂସ୍ଥାମାନଙ୍କୁ ସେଲୁଲାର ଓ ରେଡ଼ିଓ ପେଜିଂ ସେବା ପାଇଁ ଅନୁମତି ମିଳିଥିଲା ଓ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ସ୍ପେକଟ୍ରମ ନିଲାମ କରାଯାଇଥିଲା। ୧୯୯୫ରେ କୋଲକାତାରେ ପ୍ରଥମେ ମୋଦି ଟେଲଷ୍ଟ୍ରା କମ୍ପାନୀ ମୋବାଇଲ ନେଟୱାର୍କ ସ୍ଥାପନ କରିଥିଲେ। ସେହିବର୍ଷ ଜୁଲାଇ ୩୧ ତାରିଖରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ମୋବାଇଲ ଫୋନ ମାଧ୍ୟମରେ କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ସୁଖରାମଙ୍କ ସହିତ କଥା ହୋଇଥିଲେ। ଏହାକୁ ଆମ ଦେଶର ପ୍ରଥମ ଫୋନ୍ କଲ ବୋଲି କୁହାଯାଏ। ଦୂରସଞ୍ଚାର ସେବାର ନିୟନ୍ତ୍ରଣ ପାଇଁ ୧୯୯୭ରେ ଟ୍ରାଇ ବା ଟେଲିକମ୍ ରେଗୁଲେଟାରୀ ଅଥରିଟି ଅଫ ଇଣ୍ଡିଆ ଗଠନ କରାଗଲା। ୧୯୯୯ରେ ସରକାର ନୂଆନୀତି ଆଣିବା ଫଳରେ ଅପରେଟର ସଂସ୍ଥା ସରକାରଙ୍କ ସହିତ ରାଜସ୍ୱ ଭାଗ ବାଣ୍ଟ କରିବାର ନିୟମ ରହିଲା । ଦିନେ ଲୋକଙ୍କୁ ଗୋଟେ ମିନିଟ କଥା ହେବାକୁ ଚବିଶ ଟଙ୍କା ଗଣିବାକୁ ପଡୁଥିବାବେଳେ ଆଜି ସମଗ୍ର ବିଶ୍ୱରେ ସବୁଠୁ ଶସ୍ତାରେ ଭାରତୀୟମାନେ ମୋବାଇଲ ଫୋନରେ କଥା ହୋଇପାରୁଛନ୍ତି। ୨୦୦୧ ମସିହା ବେଳକୁ ଫିକ୍ସଡ୍ ଲାଇନ ସେବା ଯୋଗାଉଥିବା ସଂସ୍ଥା ମାନଙ୍କୁ ମଧ୍ୟ ମୋବାଇଲ ସେବା ପାଇଁ ଅନୁମତି ମିଳିଗଲା।

ସ୍ମାର୍ଟଫୋନ ମାଧ୍ୟମରେ ମନୋରଞ୍ଜନ, ଟିକେଟ ବୁକିଂ, ଖାଦ୍ୟପେୟ ଅର୍ଡ଼ର, ନିତିଦିନିଆ ସାମଗ୍ରୀ କିଣାବିକା, ସ୍ୱାସ୍ଥ୍ୟ ପରୀକ୍ଷା, ପାଠପଢ଼ା, ପାଣିପାଗ ସୂଚନା, ଖବରକାଗଜ ଓ ବହି ପଢ଼ିବା, ଟିଭି, ସିନେମା ତଥା ଜ୍ଞାନବିଜ୍ଞାନର ସବୁ ପ୍ରକାର ତଥ୍ୟ ଓ ସୁବିଧା ମିଳିଛି। ପ୍ରତିଦିନ ନୂଆ ପ୍ରକାର ଆପ୍ଲିକେସନ ମୋବାଇଲ ଫୋନ ପାଇଁ ନିର୍ମିତ ହେଉଛି। ମୋବାଇଲ ସେବାରେ ୨ଜି, ୩ଜି ଏବଂ ୪ଜି ଆଦି ଟେକ୍ନୋଲୋଜି ବ୍ୟବହୃତ ହୋଇଥାଏ। ତେବେ ଜିର ଅର୍ଥ ଜେନେରେସନ। ପ୍ରଥମ ପର୍ଯ୍ୟାୟ ବା ଜେନେରେସନର ମୋବାଇଲ ଫୋନ୍ ୧ ଜି, ଦ୍ୱିତୀୟ ଜେନେରେସନକୁ କୁହାଗଲା। ୨ଜି, ତୃତୀୟଟି ହେଲା ୩ ଜି ଏବଂ ଚତୁର୍ଥଟି ୪ଜି। ଗୋଟେ ଜେନେରେସନରୁ ଆଉ ଗୋଟେ ଜେନେରେସନକୁ ଗଲାବେଳେ ମୋବାଇଲ ଫୋନରେ ଅଧିକ ଉନ୍ନତ ଏବଂ ଆଧୁନିକ ଜ୍ଞାନକୌଶଳ ବ୍ୟବହୃତ ହେଉଛି। ଏବେ ଆମ ଦେଶରେ ୪ଜି ମୋବାଇଲ ଫୋନ ବହୁଳ ମାତ୍ରାରେ ବ୍ୟବହାର ହେଉଛି ଏବଂ ୫ ଜି ଟେକ୍ନୋଲୋଜି କାର୍ଯ୍ୟକ୍ଷମ ହେବାକୁ ଯାଉଛି।

୧-ଜି : ଫାର୍ଷ୍ଟ ଜେନେରେସନ - ୧-ଜି ମୋବାଇଲ ନେଟୱାର୍କରେ ଆନାଲଗ୍ ଟେକ୍ନୋଲୋଜି ବ୍ୟବହୃତ। ଏଥିରେ କେବଳ କଥାବାର୍ତ୍ତା ହୋଇପାରିବାର ସୁବିଧା ଥିଲା। ୨-ଜି : ସେକେଣ୍ଡ ଜେନେରେସନ - ୨-ଜି ମୋବାଇଲ ସେବାରେ କଥାବାର୍ତ୍ତା, ମେସେଜ୍ ତଥା ସୀମିତ ଡାଟା ପଠାଇବାର ସୁବିଧା ଉପଲବ୍ଧ। ୧୯୯୦ ଆଡ଼କୁ ଏହା ଆରମ୍ଭ ହୋଇଥିଲା। ଏଥିରେ ଡାଟା ପ୍ରେରଣର ବେଗ ବହୁତ କମ୍ ରହୁଥିଲା।

୩-ଜି : ଥାର୍ଡ଼ ଜେନେରେସନ - ୩ଜି ମାଧ୍ୟମରେ ଇଣ୍ଟରନେଟ ସ୍ପିଡ ବଢ଼ିବା ସହିତ ଡାଟା ଡାଉନ୍‌ଲୋଡ଼ା କରିବା ସୁବିଧାଜନକ ହେଲା। ଏହି ପିଢ଼ିର ଫୋନରେ ଏଚ୍‌ଏସ୍‌ପିଏ (ହାଇସ୍ପିଡ୍ ପ୍ୟାକେଟ ଆସେସ୍) ଟେକ୍ନୋଲୋଜି ଦ୍ୱାରା ଡାଉନଲିଙ୍କ ସ୍ପିଡ ୧୪.୪ ଏମ୍‌ବିପିଏସ୍ (ମେଗା ବାଇଟ ପାର ସେକେଣ୍ଡ) ଏବଂ ଅପିଲିଙ୍କ ସ୍ପିଡ ୫.୬୭ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିଲା। ୪-ଜି : ଫୋର୍ଥ ଜେନେରେସନ ଏଥିରେ ଏଲ୍‌ଟିଭ (ଲଙ୍ଗ ଟର୍ମ ଇଭୋଲ୍ୟୁସନ) ଟେକ୍ନୋଲୋଜି ବ୍ୟବହୃତ। ୪-ଜିରେ ୩-ଜି ଅପେକ୍ଷା ଇଣ୍ଟରନେଟ ସ୍ପିଡ ବହୁଗୁଣିତ ହେଲା। ଏପରିକି ଡାଉନ୍ ଲିଙ୍କ ସ୍ପିଡ୍ ୩୦୦ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବଢ଼ିଗଲା।

୫-ଜି : ଫିଫ୍‌ଥ ଜେନେରେସନ ୫-ଜି ମୋବାଇଲ ଫୋନ୍‌ର ବ୍ୟବହାର ଏ ପର୍ଯ୍ୟନ୍ତ ଭାରତରେ ଆରମ୍ଭ ହୋଇନାହିଁ। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ରିଲାଏନ୍ସ ଜିଓ କମ୍ପାନୀ କହିଛି ଯେ ସରକାର ସ୍ପେକ୍ଟ୍ରମ ଯୋଗାଇ ଦେଲା ମାତ୍ରକେ ୫-ଜି ସେବା ଆରମ୍ଭ କରିବ। ଏଥିପାଇଁ କମ୍ପାନୀ ନିଜକୁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ କରି ରଖିଛି। ଏଥିରେ ନିଉ ରେଡ଼ିଓ ଏନ୍‌ଆର ଟେକ୍ନୋଲୋଜିର ଉପଯୋଗ କରାଯାଇଥାଏ। ହାଇସ୍ପିଡ୍ ମୋବାଇଲ ନେଟୱାର୍କ ସହିତ ଏଥିରେ ବହୁବିଧ ସୁବିଧା ଥିବାର ଜଣାପଡ଼ିଛି। ଏଥିରେ ଡାଉନଲୋଡିଂ ସ୍ପିଡ ସେକେଣ୍ଡ ପ୍ରତି ୧୦ଜିବି ପର୍ଯ୍ୟନ୍ତ ରହିପାରିବ। ୫-ଜି ମୋବାଇଲ ଦ୍ୱାରା ଗଣମାଧ୍ୟମ, ଆର୍ଥିକ ସେବା, ବାଣିଜ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, କୃଷି, ସ୍ମାର୍ଟ ଶିଳ୍ପ ଓ ସ୍ମାର୍ଟ ସିଟି ଆଦିର କାର୍ଯ୍ୟ ଅତ୍ୟନ୍ତ ସହଜ ହୋଇପାରିବ। ଦକ୍ଷିଣ କୋରିଆରେ ଏପ୍ରିଲ ୨୦୧୯ରେ ୫-ଜି ମୋବାଇଲ ନେଟୱାର୍କ ଆରମ୍ଭ କରାଯାଇଥିଲା। ସର୍ବଭାରତୀୟ ସ୍ତରରେ ବିଏସଏନଏଲ ଅନ୍ୟ ଘରୋଇ ମୋବାଇଲ କମ୍ପାନୀ ଅପେକ୍ଷା ବିଶ୍ୱସ୍ତ, ନିର୍ଭରଯୋଗ୍ୟ ଓ ତତ୍କାଳ ସେବା ଦେଉଥିବା କମ୍ପାନୀ ଦିନକୁ ଦିନ ଲୋକମାନଙ୍କ ଭିତରେ ବିଏସଏନଏଲ ପ୍ରତି ଆଦର ଓ ଗ୍ରହଣୀୟତା ବଢୁଛି। ଖୁସିର କଥା ଲ୍ୟାଣ୍ଡ ଲାଇନ ସେବା ପାଇଁ ଲୋକମାନେ ବିଏସଏନଏଲକୁ ପ୍ରାଥମିକତା ଦେଉଛନ୍ତି। କେନ୍ଦ୍ର ସରକାରଙ୍କ 'ସବକ୍ ସାଥ, ସବ୍‌କା ବିକାଶ'ର ନାରାକୁ ବିଏସଏନଏଲ ପ୍ରାଥମିକତା ଦେଇ ଏହାର ସେବାକୁ ଆଗେଇ ନେଉଛି। ସମସ୍ତଙ୍କ ସହିତ ଆଜି ବିଏସଏନଏଲ ସାଥି ହୋଇ ସମସ୍ତଙ୍କ ବିକାଶକୁ ତ୍ୱରାନ୍ୱିତ କରୁଛି। ୨୦୧୯-୨୦ର ଅର୍ଥନୈତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଦେଶରେ ୯୧.୯% ଲୋକ ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ଓଡ଼ିଶାରେ ତାହା ୭୯.୫୮%ରେ ସୀମିତ ରହିଛି। ଆଜିକା ସମୟରେ ମୋବାଇଲ ଫୋନ ଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା ପାଲଟି ଯାଇଛି।

❤(ଆଇ.ଟି.ଏସ୍)
ପ୍ରବନ୍ଧକ, ଦୂରସଞ୍ଚାର ଭବନ,
ମୋ: ୯୪୩୭୦୫୧୦୮୮

ସଚେତନ, ଅସଚେତନ ଓ ଅବଚେତନ ଜ୍ଞାନ

ପଙ୍କଜ କୁମାର ପାଣିଗ୍ରାହୀ

ସାଧାରଣରେ ଚର୍ଚ୍ଚିତ ଜ୍ଞାନର ପରିଭାଷା ଓ ବାସ୍ତବ ଜ୍ଞାନର

ବ୍ୟାପକତା ମଧ୍ୟରେ ଅନ୍ତର ବୁଝିବା ଏକ ଅସାଧାରଣ ବ୍ୟାପାର!

ସାଧାରଣ ଲୋକେ ଜ୍ଞାନକୁ ଏତେ ସଂକୁଚିତ କରି ବୋଧ

କରିଥା'ନ୍ତି, ସତେ ଯେପରି ତାହା ଏକ ଦୁର୍ମୂଲ୍ୟ ପଦାର୍ଥ!

ହେଲେ ଜ୍ଞାନର ରୁପରଖ ଓ ବାସ୍ତବତାର ପରିସୀମା କେତେ...?!

ଚେତନା ବିହୀନ ମସ୍ତିଷ୍କ ଯୁକ୍ତ ଜୀବକୁ ପଶୁ ବୋଲି କୁହାଯାଇ ଥାଏ। ଚେତନା ଜ୍ଞାନ ହେତୁ ମଣିଷର ସ୍ଥାନ ଏକ ଭିନ୍ନ ସ୍ତରରେ ରହିଛି ପୃଥିବୀ ପୃଷ୍ଠରେ । ଚେତନା ଜ୍ଞାନର ପରିଭାଷା ଅସୀମ, ଅନନ୍ତ । ଜ୍ଞାନର ନିର୍ଣ୍ଣାୟକ କ୍ଷମତା ଜ୍ଞାନୀ ପାଖରେ ମଧ୍ୟ ନଥାଏ। ଜ୍ଞାନକୁ ସହଜରେ ଅନ୍ଦାଜ କରିବା କ୍ଷମତା କାହାର ନାହିଁ। ଜ୍ଞାନର ବ୍ୟାପ୍ତ ପରିସର ମଧ୍ୟରୁ କାହା ପାଖରେ କେଉଁ ଆକାରରେ କିହିଁକି କେଉଁ ପରିମାଣର ଜ୍ଞାନର ଉତ୍ପତ୍ତି ହୋଇଥାଏ ବୁଝିବା କଷ୍ଟ ! ଏହା ଏକ ପ୍ରକୃତିଦତ୍ତ ଜନ୍ମଗତ ଗୁଣ ମାତ୍ର ! ପାରିପର୍ଶ୍ୱିକ ଶୈଖିକତା କିଂଚିତ ପ୍ରଭାବିତ କରୁଥିଲେ ମଧ୍ୟ ପ୍ରକୃତ ଜ୍ଞାନ କେବଳ ଜନ୍ମଗତ । ଶୈଖିକ ଜ୍ଞାନକୁ ଶିକ୍ଷା ମଧ୍ୟରେ ସୀମିତ ରଖାଯାଇ ପାରେ । ଶିକ୍ଷିତଙ୍କୁ ଜ୍ଞାନୀ ବୋଲି କହିବା ବାହୁଲ୍ୟ ମାତ୍ର ଯାହା କେବଳ ଏକ ସାମାଜିକ ବିଗ୍ରହ ଜନିତ ହୋଇ ପାରେ, କିନ୍ତୁ ବାସ୍ତବ, ପ୍ରାକୃତିକ ନୁହେଁ ! ଆଜିର ଅଜ୍ଞାନ ସମାଜରେ କାହାଦ୍ୱାରା ପ୍ରକାଶିତ ଲିଖିତ ବିଷୟକୁ ମସ୍ତିଷ୍କରେ କବଳିତ କରି ନିଜକୁ ଜ୍ଞାନୀ ବୋଲି ସ୍ୱୟଂ ବିବେଚନା କରୁଥିବା ମଣିଷଙ୍କ ସ୍ଥିତି ଏକ ଭିନ୍ନ ସ୍ତରରେ ଦେଖିବାକୁ ମିଳେ ! ଉପଯୁକ୍ତ ଜ୍ଞାନ ରହିତ ମଣିଷଙ୍କ ଦାର୍ଶନିକ ପରିଭାଷାକୁ ବୋଧଗମ୍ୟ କରିବାରେ ଅସମର୍ଥ ସାଧାରଣ ମଣିଷଙ୍କ ଦ୍ୱାରା ସେମାନଙ୍କୁ ଦିଆଯାଉଥିବା ମାନ୍ୟତା ଏକ ସାମାଜିକ କୁହେଳିକା ମାତ୍ର । କି'ନ୍ତୁ ପ୍ରାକୃତିକ, ବାସ୍ତବ ଜ୍ଞାନୀଙ୍କ ସ୍ଥିତି ସମୀକ୍ଷା କରିବା ଅତ୍ୟନ୍ତ ଜଟିଳ । ଶିକ୍ଷାରେ ଜ୍ଞାନ ଆହରଣ କରିବା ଏକ କଳା । ଜ୍ଞାନ କି'ନ୍ତୁ ଶିକ୍ଷାରୁ ଅତ୍ୟନ୍ତ କିଞ୍ଚିତ ମାତ୍ରାରେ ଉପଲବ୍ଧ ହେଉଥିବା ବେଳେ ମାନସ ମନ୍ଥନ ତଥା ପ୍ରାକୃତିକ ଜ୍ଞାନର ପ୍ରଭାବ ଭିନ୍ନ ହୋଇଥାଏ । ତେଣୁ ଜ୍ଞାନକୁ ବିବେଚନା କରି ତା'ର ମୂଲ୍ୟାୟନ କରିବା ସାଧାରଣ କଥା ନୁହେଁ ! ହେଲେ ମଣିଷ ମସ୍ତିଷ୍କରେ ଉତ୍ପନ୍ନ ଜ୍ଞାନ ବିଭିନ୍ନ ସ୍ତରରେ ଦେଖିବାକୁ ମିଳେ । ଜ୍ଞାନକୁ ତ୍ରିସ୍ତରୀୟ ବିଭକ୍ତି କରାଯାଇ ସଚେତନ, ଅସଚେତନ ଓ ଅବଚେତନ ଜ୍ଞାନର ବିଶ୍ଳେଷଣ କରି ଦେଖିଲେ ଜାଣି ହେବଯେ ଜ୍ଞାନର ମାତ୍ରା କାହାରି ଉପରେ ନିର୍ଭର କରି ମଣିଷ କେଉଁ ପ୍ରକାର ଚ୍ଚରିତ୍ରିକ ପ୍ରବାହ କରିଥାଏ...

ଅସଚେତନ ଜ୍ଞାନ ମଣିଷର ନିଜସ୍ୱ ବିଶ୍ଳେଷିତ ଭାବଧାରା ରହିତ ପାରିପାର୍ଶ୍ୱିକ ପ୍ରଭାବରୁ ଉତ୍ପନ୍ନ, ପ୍ରଭାବିତ ଅବସ୍ଥାରୁ ଜାଗ୍ରତ ହୋଇଥାଏ। ସଚେତନ ଜ୍ଞାନ ଜଣେ ମଣିଷର ନିଜସ୍ୱ ଭାବଧାରା ତଥା ଦୃଷ୍ଟିକୋଣ ଜନିତ ହୋଇଥ

ବିନୋଦନ

ବିନୋଦନ

ସିନେମା ଓ ମନୋରଞ୍ଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

ସଲମାନଙ୍କ ନାଁ ନେଇ ମିଛ କହୁଥିଲେ ଜ୍ୟାକ୍‌ଲିନ୍: ଧରିଲା ଇଡି

ମୁମ୍ବାଇ: ପୁଣି ବିବାଦରେ ସିଂହଳ ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍। ବଲିଉଡର ଦବଙ୍ଗ ସଲମାନ ଖାନ୍‌ଙ୍କ ନାଁ ନେଇ କହୁଥିଲେ ମିଛ। ଶେଷରେ ତାଙ୍କର ଏହି ମିଛ ଧରାପଡିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କ ମିଛ ଧରାପକାଇଛି। ଏଥିସହ ସେ ବିଦେଶ ଯିବା ପାଇଁ କରିଥିବା ଆବେଦନକୁ ବିରୋଧ କରିଛି ଇଡି।

ଚଳିତ ଓଓରଇ ଆୱାର୍ଡରେ ନଜର ଆସିବେନି ଜ୍ୟାକ୍‌ଲିନ୍। ମନି ଲଣ୍ଡରିଂ କେସ୍‌ରେ ଫସିଥିବା ଜ୍ୟାକ୍‌ଲିନ୍‌ଙ୍କ ବିଦେଶ ଗସ୍ତ ଏବେ ମୁସ୍‌କିଲ୍ ହୋଇପଡିଛି। ଇଡି ଜ୍ୟାକ୍‌ଲିନ୍ ?ଙ୍କ ଦେଶ ବାହାରକୁ ଯିବା ପାଇଁ ଅନୁମତି ଦେଇନାହିଁ। ଏହି ମାମଲରେ ଗତ କିଛି ଦିନ ତଳେ ଜ୍ୟାକ୍‌ଲିନ୍ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଦେଶ ଯିବା ପାଇଁ ଅନୁମତି ମାଗିଥିଲେ। ଏବେ ଜ୍ୟାକ୍‌ଲିନ୍‌ଙ୍କ ଏହି କାହାଣୀରେ ନୂଆ ଟ୍ୱିଷ୍ଟ ସାମ୍ନାକୁ ଆସିଛି।

ଜ୍ୟାକ୍‌ଲିନ୍ ବିଦେଶ ଯିବା ପାଇଁ କୋର୍ଟରେ ଯେଉଁ ଆବେଦନ କରିଥିଲେ ତାକୁ ଏବେ ସେ ଫେରାଇ ନେଇଛନ୍ତି। ତଦନ୍ତ ବେଳେ ଜ୍ୟାକ୍‌ଲିନ୍ ବିଦେଶ ଯିବା ପାଇଁ ମିଛ କହିଥିବା ନେଇ ଇଡି ଖୁଲାସା କରିଛି। ଜ୍ୟାକଲିନ୍ ଦାବି କରିଥିଲେ ଯେ, ସଲମାନ ଖାନ୍‌ଙ୍କ ନେପାଳ ଦବଙ୍ଗ ଟୁର ପାଇଁ ତାଙ୍କୁ ଆମନ୍ତ୍ରିତ କରାଯାଇଛି। ଏଥିପାଇଁ ନେପାଳ ଯିବାକୁ ସେ ଚାହୁଁଛନ୍ତି। ତେବେ ଯାଞ୍ଚ ପରେ ତାଙ୍କର ଏହି ଦାବି ମିଛ ବୋଲି ଧରାପଡିଛି। ସେ ଚଳିତ ଦବଙ୍ଗ ଟୁରରେ ସାମିଲ ନଥିବା ଇଡି ଖୁଲାସା କରିଛି। ଜ୍ୟାକ୍‌ଲିନଙ୍କ ଏହି ମିଛ ଇଡି ସାମ୍ନାକୁ ଆସିବା ପରେ କୋର୍ଟରେ ଦେଇଥିବା ଆବେଦନକୁ ସେ ଫେରାଇ ନେବାକୁ ବାଧ୍ୟ ହୋଇଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ, ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ ବିଦେଶ ଗସ୍ତରେ ଯିବା ପାଇଁ ଆବେଦନ କରିଥିଲେ ଜ୍ୟାକ୍‌ଲିନ୍। ଇଡି ଏଯାଏଁ ମହାଠକ ସୁକେଶ ଚନ୍ଦ୍ରଶେଖର ସହ ଜଡିତ ମନି ଲଣ୍ଡରିଂ ମାମଲାରେ କ୍ଲିନ୍ ଚିଟ୍ ଦେଇ ନାହିଁ। ଏଥିପାଇଁ ତାଙ୍କ ବିଦେଶ ଯାତ୍ରା ଉପରେ ରୋକ୍ ଲାଗିଛି। ଏହି ମନି ଲଣ୍ଡରିଂ ମାମଲାରେ ଇଡି ଜ୍ୟାକ୍‌ଲିନ୍‌ଙ୍କୁ ଅନେକ ଥର ପଚରାଉଚରା



କରିସାରିଲାଣି। ସୁକେଶ ଠକେଇ କରିଥିବା ଟଙ୍କାରେ ଜ୍ୟାକ୍‌ଲିନ୍ ଓ ତାଙ୍କ ପରିବାରକୁ ଦାମୀ ଗିଫ୍ଟ ଦେଇଥିଲା। ଏଥିପାଇଁ ଇଡି କଠୋର କାର୍ଯ୍ୟାନୁଷ୍ଠାନ ନେଇ ଜ୍ୟାକଲିନ୍‌ଙ୍କ ୭.୨୭ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା।

ସଲମାନଙ୍କ ସହ ଦେଖା ହେବା ପରେ ରିୟାଲିଟି ସୋ' 'ଲକ୍ ଅପ'ର ବିଜେତା ବଦଳାଇଛନ୍ତି କଙ୍ଗନା: ପାୟଲ ରୋହତଗି

ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ହୋଷ୍ଟ କରୁଥିବା ସୋ' ଲକ୍ ଅପ୍ ଏବେ ଶେଷ ହୋଇଛି। ବିଜୟୀ ହୋଇ ପ୍ରତିଯୋଗୀ ମୁନୱର ଫାରୁକୀ ପୁରସ୍କାର ନିଜ ଘରକୁ ନେଇଛନ୍ତି। ଏହି ସୋ' ଶେଷ ହେବାର ଏକ ସପ୍ତାହ ହୋଇସାରିଥିବା ବେଳେ ଏବେ କଙ୍ଗନା ଓ ପ୍ରତିଯୋଗୀ ପାୟଲ ରୋହତଗିଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି। କଙ୍ଗନାଙ୍କୁ ସୋସିଆଲ ମିଡିଆରେ ଅନଫଲୋ କରିବା ସହ ସଲମାନ ଖାନଙ୍କ ସହ ଦେଖା ହେବା ପରେ କଙ୍ଗନା ରିୟାଲିଟି ସୋ' 'ଲକ୍ ଅପ'ର ବିଜେତା ବଦଳାଇ ଦେଲେ ବୋଲି କହିଛନ୍ତି ପାୟଲ। ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ପାୟଲ କହିଛନ୍ତି ଯେ, 'ଲକ୍ ଅପ'ର ବିଜେତା ଲୋକଙ୍କ ଭୋଟକୁ ଆଧାର କରି ନୁହେଁ ବରଂ କଙ୍ଗନାଙ୍କ ନିଷ୍ପତ୍ତିକୁ ଆଧାର କରି ଘୋଷଣା କରାଯାଇଛି। ତିନିମାସ ଧରି କଙ୍ଗନା ନିଜ ସୋ'ର ବିଷୟବସ୍ତୁ ବିଷୟରେ ଲୋକଙ୍କୁ ବୁଝାଇବାରେ ଲାଗିପଡ଼ିଥିଲେ। ନିଜ ସୋ'କୁ

'ବିଗ୍ ବସ୍' ସହ ତୁଳନା ନକରିବାକୁ ମଧ୍ୟ କହିଥିଲେ। ସୋ'ର ବିଷୟବସ୍ତୁ ଥିଲା 'ବ୍ୟାଡଆସ୍' ହେବା। ମୁଁ ସେହି ଅନୁଯାୟୀ ମୋର ଗେମ୍ ଖେଳିଥିଲି ଏବଂ ମୋତେ 'ବ୍ୟାଡଆସ୍' ଟ୍ୟାଗ୍ ବି ଦିଆଯାଇଥିଲା। ସବୁ ପରେ ବି ଶେଷ ମୂହୂର୍ତ୍ତରେ କଙ୍ଗନା ବିଜେତା ବଦଳାଇ ଦେଲେ। ସଲମାନଙ୍କ ଇଦ ପାର୍ଟିକୁ ଯାଇ କଙ୍ଗନା ତାଙ୍କ କହିବା ଅନୁସାରେ ଏଭଳି କରିଛନ୍ତି। 'ବିଗ୍ ବସ'ଠାରୁ ନିଜକୁ ଭିନ୍ନ କରିବାର ଲକ୍ଷ୍ୟ ନେଇ କଙ୍ଗନା ଆରମ୍ଭ କରିଥିବା ଏହି ସୋ' ଏବେ ଛୋଟ 'ବିଗ୍ ବସ୍' ହୋଇ ରହିଯାଇଛି। କିଛି ଭିନ୍ନତା ନାହିଁ।

ରକ୍ତାକ୍ତ ଅବସ୍ଥାରେ ପ୍ରିୟଙ୍କା, କିଏ ପିଟିଲା ?

ମୁମ୍ବାଇ: ଦେଶୀ ଗାର୍ଲ ପ୍ରିୟଙ୍କା ଚୋପ୍ରା ଆହତ। ଫାଟିଲା ମୁହଁ, ତାଙ୍କ ନାକ ଓ ଓଠରୁ ବାହାରୁଛି ରକ୍ତ। ତାଙ୍କୁ କିଏ ପିଟିଲା ? କିଏ କଲା ତାଙ୍କର ଏଭଳି ଅବସ୍ଥା ? ଏହି ପ୍ରଶ୍ନ ଏବେ ତାଙ୍କ ଲକ୍ଷ ଲକ୍ଷ ଫ୍ୟାନ୍‌ଙ୍କୁ ଘାରିଛି। ଅଭିନେତ୍ରୀଙ୍କ ଏଭଳି ଅବସ୍ଥା ଦେଖି ତାଙ୍କ ଫ୍ୟାନ୍‌ମାନେ ଚିନ୍ତିତ ହୋଇପଡିଛନ୍ତି। ଗ୍ଲୋବାଲ ଷ୍ଟାର ପ୍ରିୟଙ୍କାଙ୍କ ଏହି ରକ୍ତାକ୍ତ ଫଟୋ ସାମ୍ନାକୁ ଆସିବା ପରେ ସମସ୍ତଙ୍କ ଚିନ୍ତା ବଢ଼ିଯାଇଛି। ଏଭଳି ରକ୍ତାକ୍ତ ଅବସ୍ଥାରେ ଗାଡି ଭିତରେ ପ୍ରିୟଙ୍କା ସେଲ୍ଫି ଉଠାଇ ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏହି ଫଟୋକୁ ଶେଆର କରି ସେ ଲେଖିଛନ୍ତି, 'କ'ଣ ଆଜି ବି କାମରେ ଆପଣଙ୍କ ଦିନ କଷ୍ଟକର ଥିଲା ?'ପ୍ରିୟଙ୍କାଙ୍କ ଏଭଳି ଫଟୋ ସାମ୍ନାକୁ ଆସିବା ପରେ ସୋଶାଲ ମିଡିଆରେ ହଇଚଇ ସୃଷ୍ଟି ହୋଇଯାଇଛି। ଅନେକ ସୋଶାଲ ମିଡିଆ ୟୁଜର୍ସ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି, ତୁମର କ'ଣ ହୋଇଛି। ସବୁ କିଛି ଠିକ୍ ଅଛି ତ ? ସେହିପରି ଆଉ ଜଣେ ୟୁଜର୍ସ ଲେଖିଛନ୍ତି, ଧ୍ୟାନ ରଖ, ପ୍ରତିଦିନ ନୂଆ ଏକ୍ସପିରିଏନ୍ସ। ବାସ୍ତବରେ ପ୍ରିୟଙ୍କାଙ୍କ ଏହି ଫଟୋ ତାଙ୍କ ଅପ୍‌କମିଂ ପ୍ରୋଜେକ୍ଟ 'ସିଟାଡେଲ'ର ସୁଟିଂ ସେଟ୍‌ରୁ ଆସିଛି। ସୁଟିଂ ସେଟ୍‌ରେ ତାଙ୍କର ଅବସ୍ଥା ଏଭଳି ହୋଇଛି। ସେ ଫଟୋରେ କଳା ରଙ୍ଗର ଆଉଟଫିଟ୍‌ରେ ନଜର ଆସିଛନ୍ତି। ଖୁବଶୀଘ୍ର ପ୍ରିୟଙ୍କା ହଲିଉଡର ସାଇନ୍ସ ଫିକ୍ସନ ସିରିଜ 'ସିଟାଡେଲ'ରେ ନଜର ଆସିବେ। ଏଥିରେ ପ୍ରିୟଙ୍କାଙ୍କ ସହ ରିଚାର୍ଡ ମଡେନଙ୍କୁ ମଧ୍ୟ ଲିଡ୍ ରୋଲରେ ଦେଖିବାକୁ ମିଳିବ। ନିକଟରେ ଝିଅ ମାଲତି ମାରିଆ ଘରକୁ ଫେରିବା ପରେ ପ୍ରିୟଙ୍କା ଏହି ସିରିଜର ସୁଟିଂ ସେଟ୍‌କୁ ଫେରିଥିଲେ। ଏହାପୂର୍ବରୁ ପ୍ରିୟଙ୍କା ଗତବର୍ଷ ଡିସେମ୍ବରରେ ଏହି ଫିଲ୍ମର ଲଣ୍ଡନ ସେଡ୍ୟୁଲ ପୂରଣ କରିଥିଲେ। ସେହିପରି ପ୍ରିୟଙ୍କା ଚୋପ୍ରାଙ୍କ ପାଖରେ ଏକ ବଲିଉଡ ମୁଭିର ଅଫର ମଧ୍ୟ ରହିଛି। ସେ 'ଜି ଲେ ଜରା' ଫିଲ୍ମରେ କ୍ୟାଟ୍ରିନା କୈଫ ଓ ଆଲିଆ ଭଟ୍ଟ ସହ ନଜର ଆସିବେ। ଏହି ଫିଲ୍ମକୁ ଫରହାନ ଅଖତର ନିର୍ଦ୍ଦେଶନା କରିବେ।

ପୁଣି ଅଡୁଆରେ ଶିଳ୍ପାଙ୍କ ସ୍ୱାମୀ

ପୁଣି ଅଡୁଆରେ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ସ୍ୱାମୀ। ରାଜ କୁନ୍ଦ୍ରାଙ୍କ ପିଛା ଛାଡୁନି ବିବାଦ। ପୂର୍ବରୁ ଅଶ୍ଳୀଳ ଫିଲ୍ମ ତିଆରି କରି ଗିରଫ ହୋଇଥିବା ରାଜ କୁନ୍ଦ୍ରା ଏବେ ଆଉ ଏକ ନୂଆ ମାମଲାରେ ଛନ୍ଦି ହୋଇଛନ୍ତି। ମନି ଲଣ୍ଡରିଂ ମାମଲାରେ ଉଠିଛି ତାଙ୍କ ନାଁ। ପର୍ଣ୍ଣଗ୍ରାଫି ମାମଲାରେ ବେଆଇନ୍ ଅର୍ଥ କାରବାରକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କ ନାଁରେ ମାମଲା ରୁଜୁ କରିଛି। ଗତବର୍ଷର ପର୍ଣ୍ଣ ରାକେଟ୍‌ସହ ଏହି ମାମଲା ଜଡିତ ରହିଛି। ଏହି ମାମଲାରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ରାଜ କୁନ୍ଦ୍ରାଙ୍କୁ ଗତବର୍ଷ ଜୁଲାଇ ୨୦ରେ ଗିରଫ କରିଥିଲା। ଇଡି ସୂତ୍ରରୁ ପ୍ରକାଶ ଯେ, ରାଜ କୁନ୍ଦ୍ରା ଫେବୁଆରୀ ୨୦୧୯ରେ ଆମର୍ସ ପ୍ରାଇମ ମିଡିଆ ଲିମିଟେଡ ନାମକ ଏକ କମ୍ପାନୀ ତିଆରି କରିଥିଲେ ଏବଂ ହଟସଟ୍‌ସ ନାଁରେ ଏକ ଆପ୍ ମଧ୍ୟ ତିଆରି କିରଥିଲେ। ପରେ ହଟସଟ୍ ଆପ୍‌କୁ ୟୁକେ ସ୍ଥିତ ଫାର୍ମ କେନ୍‌ରିନ୍‌କୁ ବିକ୍ରି କରି ଦିଆଯାଇଥିଲା। ଏହି କମ୍ପାନୀର ସିଇଓ ହେଉଛନ୍ତି ପ୍ରଦୀପ ବକ୍ସି, ଯିଏ କି ପ୍ରକୃତରେ ରାଜ କୁନ୍ଦ୍ରାଙ୍କ ଭିଣେଇ। ରାଜ କୁଣ୍ଡ୍ରାଙ୍କ କମ୍ପାନୀ ଭିଆନ୍ ବ୍ରିଟେନର କେନ୍‌ରିନ୍ କମ୍ପାନୀ ସହିତ ଚୁକ୍ତି କରିଥିଲା ଏବଂ ଏହି କାରବାର ପାଇଁ ଭିଆନ କମ୍ପାନୀର ୧୩ଟି ବ୍ୟାଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କାର କାରବାର କରାଯାଇଥିଲା।

ହଟସଟ୍‌ସ୍ ଆପ୍ ବାସ୍ତବରେ ପର୍ଣ୍ଣ ଫିଲ୍ମର ଏକ ପ୍ଲାଟଫର୍ମ ଥିଲା, ଯାହାକୁ ଭାରତରେ ତିଆରି କରାଯାଇଥିଲା। ସବ୍‌ସ୍କ୍ରିପସନ୍ ଦେବା ପାଇଁ ହଟସଟ୍‌ସ ଆପ୍‌ରେ ଅପ୍‌ଲୋଡ କରାଯାଇଥିଲା। ସବ୍‌ସ୍କ୍ରିପସନ୍ ଜରିଆରେ ଆଦାୟ ହୋଇଥିବା ଟଙ୍କାର ନେଣଦେଣ କୁନ୍ଦ୍ରାଙ୍କ କମ୍ପାନୀ ଭିଆନ୍ ଇଣ୍ଡଷ୍ଟ୍ରିଜ ନାଁରେ ହେଉଥିଲା। ଏହିପରି, ପର୍ଣ୍ଣ ଫିଲ୍ମରୁ ଅର୍ଜିତ ଟଙ୍କା ବ୍ରିଟେନରେ ବୁଲୁଥିବା କୁନ୍ଦ୍ରାଙ୍କ କମ୍ପାନୀ ଆକାଉଣ୍ଟକୁ ଆସୁଥିଲା।

ଅଶ୍ଳୀଳ ଫିଲ୍ମ ତିଆରି ଅଭିଯୋଗରେ ରାଜ କୁନ୍ଦ୍ରାଙ୍କୁ ୨୦୨୧ ମସିହା ଜୁଲାଇ ୧୯ରେ ଗିରଫ କରାଯାଇଥିଲା। ଏହି ମାମଲାରେ ତାଙ୍କ ସମେତ ଅନ୍ୟ ୧୧ ଜଣଙ୍କୁ ମଧ୍ୟ ଗିରଫ କରିଥିଲା ମୁମ୍ବାଇ କ୍ରାଇମବ୍ରାଞ୍ଚ ପୁଲିସ। ମଡେଲ୍ ଏବଂ ଅଭିନେତ୍ରୀଙ୍କୁ ଫିଲ୍ମ ଓ ୱେବସିରିଜରେ କାମ ଦେବା ବାହାନାରେ ସେମାନଙ୍କୁ ପ୍ରଲୋଭିତ କରାଇ ଅଶ୍ଳୀଳ ଫିଲ୍ମ ତିଆରି କରୁଥିଲେ। ସେ ଗୁଡିକୁ ଏକ ଆପ୍‌ରେ ଡାଉନ୍‌ଲୋଡ କରୁଥିବା ନେଇ ରାଜ କୁନ୍ଦ୍ରାଙ୍କ ନାଁରେ ଅଭିଯୋଗ ଥିଲା। ପରେ ଗତବର୍ଷ ସେପ୍ଟେମ୍ବର ୨୦ ତାରିଖରେ ମୁମ୍ବାଇର ଏକ ଅଦାଲତ ପର୍ଣ୍ଣଗ୍ରାଫି ମାମଲାରେ ୫୦,୦୦୦ ମୁଚଲିକାରେ ରାଜ କୁନ୍ଦ୍ରାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

ପପ୍ ଷ୍ଟାରବ୍ରିଟନୀ ସ୍ପିୟର୍ସଙ୍କୁ କାମୁଡିଲା ସାପ

ପ୍ରସିଦ୍ଧ ପପ୍ ଷ୍ଟାର ବ୍ରିଟନୀ ସ୍ପିୟର୍ସଙ୍କୁ କାମୁଡିଲା ସାପ। ତାଙ୍କ ହାତକୁ ଏକ ଛୋଟ ସାପ କାମୁଡି ଦେଇଛି। ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି। ଏହି ଭିଡିଓକୁ ସେ ଖୋଦ୍ ନିଜ ଇନ୍‌ଷ୍ଟାଗ୍ରାମରେ ଶେଆର କରିଛନ୍ତି।

ଆମେରିକାର ପ୍ରସିଦ୍ଧ ପପ୍ ଷ୍ଟାର ବ୍ରିଟନୀ ସ୍ପିୟର୍ସ ନିଜ ପ୍ରଫେସନାଲ ଲାଇଫ ସହ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଖୁବ୍ ଚର୍ଚ୍ଚାରେ ରୁହନ୍ତି। ସେ ସୋଶାଲ ମିଡିଆରେ ବେଶ୍ ଆକ୍ଟିଭ। ପ୍ରାୟତଃ ତାଙ୍କ ଫଟୋ ଆଉ ଭିଡିଓ ସୋଶାଲ ମିଡିଆରେ ଟ୍ରେଣ୍ଡିଂରେ ଥାଏ। ନିକଟରେ ବ୍ରିଟ୍‌ନୀ ତାଙ୍କର ଏକ ଭିଡିଓକୁ ନିଜ ଫ୍ୟାନ୍‌ମାନଙ୍କ ସହ ଶେଆର କରିଛନ୍ତି। ଏହି ଭିଡିଓରେ ତାଙ୍କ ହାତକୁ ଏକ ଛୋଟ ସାପ ବାରମ୍ବାର କାମୁଡୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓଟି ଏବେ ସୋଶାଲ ମିଡିଆରେ ଖୁବ୍ ଜୋରସୋରରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ଶେଆର କରି ବ୍ରିଟନୀ କ୍ୟାପସନରେ ଲେଖିଛନ୍ତି,' ଛୋଟ ସାପ ବି କେତେ ଭୟଙ୍କର ହୋଇପାରେ ଦେଖନ୍ତୁ।'

ବ୍ରିଟନୀଙ୍କ ଏହି ଭିଡିଓକୁ ବର୍ତ୍ତମାନ ଯାଏଁ ୯.୫ ମିଲିୟନ୍‌ରୁ ଅଧିକ ଲୋକ ଦେଖିସାରିଲେଣି। ତେବେ ଏହି ଭିଡିଓଟି ସାମ୍ନାକୁ ଆସିବା ପରେ ତାଙ୍କ ଫ୍ୟାନ୍‌ମାନେ ଚକିତ ହୋଇପଡିଛନ୍ତି। ତାଙ୍କ ସ୍ୱାସ୍ଥ୍ୟକୁ ନେଇ ମଧ୍ୟ ଅନେକ ୟୁଜର୍ସ ଚିନ୍ତିତ ହୋଇପଡିଛନ୍ତି। ଜଣେ ୟୁଜର୍ସ କମେଣ୍ଟରେ ଲେଖିଛନ୍ତି, 'ଏହି ସାପ ଭୟଙ୍କର ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ।'ଉଲ୍ଲେଖ ଯୋଗ୍ୟ ଯେ, ନିକଟରେ ବ୍ରିଟନୀ ଡିପ୍ରେସନର ଶିକାର ହୋଇଥିଲେ। ତାଙ୍କ ବାପାଙ୍କ ଯୋଗୁ ସେ ନିଜକୁ ସୁରକ୍ଷିତ ମନେ କରିପାରୁ ନଥିଲେ। ବାପା-ଝିଅଙ୍କ ଏହି ମାମଲା କୋର୍ଟ ଯାଏଁ ମଧ୍ୟ ଯାଇଥିଲା। ତାଙ୍କ ବନ୍ଧୁମାନେ ଏହି ପ୍ରସଙ୍ଗରେ ତାଙ୍କୁ ସମର୍ଥନ କରିଥିଲେ।

ବଲିଉଡର କୌଣସି ତାରକା ମୋ ବନ୍ଧୁ ହେବାକୁ ଯୋଗ୍ୟ ନୁହନ୍ତି: କଙ୍ଗନା ରାଣାୱତ୍

ବଲିଉଡର କୁଇନ କଙ୍ଗନା ରାଣାୱତ୍ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଧାକଡ' ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି। ଟ୍ରେଲରରେ କଙ୍ଗନାଙ୍କ ଆକ୍ସନ ଦୃଶ୍ୟ ଦେଖିବା ପରେ ଫିଲ୍ମକୁ ଦେଖିବା ପାଇଁ ଏବେ ଦର୍ଶକଙ୍କ ମନରେ ଉତ୍କଣ୍ଠା ବଢ଼ିଯାଇଛି। ସବୁବେଳେ ମହିଳାଧର୍ମୀ ଫିଲ୍ମ କରିବାକୁ ଚାହୁଁଥିବା କଙ୍ଗନାଙ୍କ ଏହି ଫିଲ୍ମ ଅନେକ ରେକର୍ଡ ଭାଙ୍ଗିବ ବୋଲି ଚର୍ଚ୍ଚା ହେଉଛି। ତେବେ ନିଜ ଅଭିନୟ ଜରିଆରେ ସେ ଦର୍ଶକଙ୍କ ମନ କିଣିଥିଲେ ବି କୌଣସି ବଲିଉଡ କଳାକାରଙ୍କୁ ନିଜର ବନ୍ଧୁ କରିପାରିନାହାନ୍ତି। ପୂର୍ବରୁ ସେ ଅନେକ କଳାକାରଙ୍କୁ ଟାର୍ଗେଟ କରି ବିବାଦୀୟ ମନ୍ତବ୍ୟ ଦେଇଥିବା ବେଳେ ଏବେ ମଧ୍ୟ ସେଭଳି କରିଥିବା ଦେଖାଯାଇଛି। ନିଜର ଆଗାମୀ ଫିଲ୍ମ 'ଧାକଡ'ର ପ୍ରମୋସନ ବେଳେ କଙ୍ଗନା ରାଣାୱତ୍ କହିଛନ୍ତି ଯେ ବଲିଉଡରେ କେହି ତାଙ୍କ ବନ୍ଧୁ ହେବାକୁ ଯୋଗ୍ୟ ନୁହଁନ୍ତି। ବଲିଉଡରେ ଏଭଳି କୌଣସି ବ୍ୟକ୍ତି ନାହାଁନ୍ତି ଯାହାକୁ ସେ ତାଙ୍କ ଘରକୁ ଡାକିବାକୁ ଚାହିଁବେ। ସୂଚନା ମୁତାବକ, ଏକ ସାକ୍ଷାତକାରରେ କଙ୍ଗନା ରାଣାୱତଙ୍କୁ ପଚରାଯାଇଥିଲା ଯେ, ତିନି ଜଣ ବଲିଉଡ କଳାକାରଙ୍କ ନାଁ କୁହନ୍ତୁ, ଯାହାକୁ ଆପଣ ରବିବାର ଦିନ ନିଜ ଘରକୁ ନିମନ୍ତ୍ରଣ କରିବାକୁ ପସନ୍ଦ କରିବେ। ଏହାର ଜବାବରେ କଙ୍ଗନା କହିଥିଲେ, ବଲିଉଡରେ ସେଭଳି କୌଣସି କଳାକାର ନାହାନ୍ତି, ଯିଏ ମୋ ଘରକୁ ଆସିବାକୁ ଯୋଗ୍ୟ। ବାହାରେ ଦେଖା ହୋଇପାରିବେ, କିନ୍ତୁ ଘରେ ନୁହନ୍ତି। ତେବେ କଙ୍ଗନା ରାଣାୱତଙ୍କ ଫିଲ୍ମ 'ଧାକଡ' ଆସନ୍ତା ୨୦ ରେ ରିଲିଜ ହେବାକୁ ଯାଉଛି। ଏହା ରଜନୀଶ ଘାଇଙ୍କ ନିର୍ଦ୍ଦେଶିତ ଏକ ଆକ୍ସନ୍ ଥ୍ରୀଲର ଫିଲ୍ମ। କଙ୍ଗନାଙ୍କ ବ୍ୟତୀତ ଅର୍ଜୁନ ରାମପାଲ ଏବଂ ଦିବ୍ୟା ଦତ୍ତା ମଧ୍ୟ ଏହି ଫିଲ୍ମରେ ନଜର ଆସିବେ।

ଏବେ ବଙ୍ଗଳା ସିନେମା ଓ ହିନ୍ଦୀ ୱେବ୍ ସିରିଜ୍‌ରେ ମନୋନିବେଶ କରିଛନ୍ତି ରାଇମା

ବେଳେ ବେଳେ ଅନେକ କଳାକାରଙ୍କର କୌଣସି ଅଭିନୟ ପୃଷ୍ଠଭୂମି ନଥାଇ ମଧ୍ୟ ଈଶ୍ୱରପ୍ରଦତ୍ତ ଗୁଣ ହିଁ ତାଙ୍କୁ ପ୍ରତିଷ୍ଠିତ କରିଥାଏ। ଅପରପକ୍ଷେ, କିଛି କଳାକାର ମଧ୍ୟ ପାରିବାରିକ ଉତ୍ତରଦାନକୁ ଠିକ୍‌ରେ ଆଗେଇ ନେବାରେ ସମର୍ଥ ହୋଇଥା'ନ୍ତି। ଅଭିନେତ୍ରୀ ରାଇମା ସେନ(ଦେବ ବର୍ମା) ହେଉଛନ୍ତି ସେଭଳି ଜଣେ କଳାକାର ଯିଏ ପାରିବାରିକ ଉତ୍ତରଦାନର ସଦୁପଯୋଗ କରିପାରିଛନ୍ତି। ବଙ୍ଗାଳୀ ସିନେମାର ମହାନାୟିକା ଭାବେ ପରିଚିତ ସୁଚିତ୍ରା ସେନଙ୍କ ନାତୁଣୀ ତଥା ଅଭିନେତ୍ରୀ ମୁନ୍‌ମୁନ୍ ସେନଙ୍କ ସୁଦୁହିତା ହେବାର ସୌଭାଗ୍ୟ ରାଇମାଙ୍କୁ ସିନେ ଦୁନିଆରେ ଏକ ପରିଚିତ ମୁହଁ ହେବାରେ ଖୋରାକ ଯୋଗାଇଛି। କୌଣସି ତଥାକଥିତ ସମ୍ମାନ ବା ପୁରସ୍କାର ହାତେଇ ପାରିନଥିଲେ ବି ରାଇମା ଅଦ୍ୟାବଧି ହିନ୍ଦୀ, ବଙ୍ଗାଳୀ, ତେଲୁଗୁ , ମାଲାୟାଲୀ ଓ ଇଂରାଜୀ ଭାଷାରେ ସତୁରି ସରିକି ସିନେମା ଓ ଦଶଟି ୱେବ୍ ଧାରାବାହିକରେ ଅଭିନୟ କରି ଆଶାନୁରୂପ ଦର୍ଶକୀୟ ସ୍ୱୀକୃତି ହାସଲ କରିପାରିଛନ୍ତି। କୋଲକାତା ସହରରେ ୧୯୭୯ ନଭେମ୍ବର ୭ ତାରିଖରେ ଏକ ରାଜ ପରିବାରରେ ଜନ୍ମିତ ହୋଇ ମୁମ୍ବାଇ ସହରରେ ପ୍ରତିପାଳିତ ହୋଇଥିବା ରାଇମା ଶିକ୍ଷାରେ ସ୍ନାତକ ଡିଗ୍ରି ସାରିଛନ୍ତି। ନିଜର ଆଇ ସୁଚିତ୍ରା ସେନ ଏବଂ ମାଆ ମୁନ୍‌ମୁନ୍‌ଙ୍କ ଖ୍ୟାତିକୁ ଭିତ୍ତି କରି ରାଇମା ୧୯୯୯ ମସିହାରେ ହିନ୍ଦୀ ଚଳଚ୍ଚିତ୍ର 'ଗଡ୍‌ମଦର' ଜରିଆରେ ଫିଲ୍ମ ଦୁନିଆରେ

ପ୍ରଥମେ ପଦାର୍ପଣ କରିଥିଲେ। ତାହା କଳ୍ପନାତୀତ ବ୍ୟାବସାୟିକ ସଫଳତା ପାଇଥିଲେ ହେଁ ସେଥିରେ ଅଭିନୟ କରିଥିବା କିଂବଦନ୍ତି ଅଭିନେତ୍ରୀ ଶବାନା ଆଜମୀଙ୍କ ଉପସ୍ଥିତି ହିଁ ରାଇନାଙ୍କ ଚମତ୍କାରିତାକୁ ଫିକା କରିଦେଇଥିଲା। ତେବେ ଏହା ପରେ ସେ ଅନ୍ୟତମ ପୋଖତ ଅଭିନେତ୍ରୀ ରବିନା ଟଣ୍ଡନ୍‌ଙ୍କ ସହ ଅଭିନୟ କରିଥିବା ହିନ୍ଦୀ ଫିଲ୍ମ 'ଦାମନ' ତାଙ୍କ ପାଇଁ କିଛି ମା

ଦରଦାମ ବୃଦ୍ଧି ବିରୋଧରେ ୨୫ରୁ ୩୧ ଯାଏଁ ଆନ୍ଦୋଳନ ପାଇଁ ବାମପନ୍ଥୀ ଦଳମାନଙ୍କର ଆହ୍ୱାନ

ଭୁବନେଶ୍ୱର,୧୯/୦୫ (ନି.ପ୍ର): ଦରଦାମ୍ ବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳମାନେ ମଇ ମାସ ୨୫ରୁ ୩୧ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ଆହ୍ୱାନ କରିଛନ୍ତି । ବାମପନ୍ଥୀ ଦଳର ନେତାମାନେ ଏକ ମିଳିତ ବିବୃତିରେ କହିଛନ୍ତି ଯେ ଦରଦାମ ବୃଦ୍ଧି ସହିତ ବେକାରୀ ଭୟଙ୍କର ଭାବେ ବୃଦ୍ଧି ପାଇବା ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବହୁ ଗୁଣ ବୃଦ୍ଧି ପାଉଛି ।

ଧାରାବାହିକ ଭାବେ ପେଟ୍ରୋଲ ଜାତ ସାମଗ୍ରୀ, ରନ୍ଧନଗ୍ୟାସ ସିଲିଣ୍ଡର ଏବଂ ଗହମର ଉତ୍କଟ ଅଭାବ ଯୋଗୁଁ ଦେଶର ସାମଗୀକ ଭାବେ ମୁଦ୍ରାସ୍ଫିତି ବୃଦ୍ଧି ପାଇଛି । ଏତିକି ବେଳେ ପୁଣି ବିଜୁଳି ଦର ବୃଦ୍ଧି, ଘନ ଘନ ବିଦ୍ୟୁତ୍ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ । ଏଭଳି ସ୍ଥିତିରେ ଦରଦାମ ବୃଦ୍ଧିରେ ଅଙ୍କୁଶ ଲଗାଇ ଲୋକଙ୍କୁ ବଞ୍ଚାଇବା ପାଇଁ ସି.ପି.ଆଇ.(ଏମ୍), ସି.ପି.ଆଇ.,, ସି.ପି.ଆଇ. ଏମ୍.ଏଲ୍. (ଲିବରେସନ୍), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଭଳି ବାମପନ୍ଥୀ ଦଳମାନେ, କେନ୍ଦ୍ର ସରକାର ତୁରନ୍ତ ପେଟ୍ରୋଲଜାତ ସାମଗ୍ରୀ ଉପରେ ଆଦାୟ କରୁଥିବା ସେସ/ସରଚାର୍ଜ ପ୍ରତ୍ୟାହାର କରି ଦର କମାଇବା ଏବଂ ରନ୍ଧନଗ୍ୟାସ ସିଲିଣ୍ଡର ଦର କମାଇବା ପାଇଁ ଦାବୀ କରିଛନ୍ତି । ଏତଦ୍ ବ୍ୟତୀତ , ସରକାରୀ ଖୁଚୁରା ବିକ୍ରି କେନ୍ଦ୍ରରେ ଗହମ ସରକାରୀ ଦରରେ ଉପଲବ୍ଧ କରିବା ଏବଂ ଗଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ କରି ଖାଇବା ତେଲ, ଡାଲି ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଣ, ଆୟକର ଦେଉନଥିବା ପରିବାର ଗୁଡିକୁ ମାସିକ ୭୫୦୦/- ଟଙ୍କା ନଗଦ ଦେୟ ଦେବାକୁ ବାମପନ୍ଥୀ ଦଳମାନେ ଦାବୀ କରିଛନ୍ତି ।

ବେକାରୀ, ବେରୋଜଗାରୀ ଦୂରିକରଣ ଲାଗି ଜାତୀୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ ଆଇନରେ ଅଧିକ ବ୍ୟୟ ବରାଦ, ସହରାଞ୍ଚଳରେ କର୍ମନିଯୁକ୍ତି ନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଆଇନ ପ୍ରଣୟନ, ସମସ୍ତ ଖାଲିଥିବା ପଦବୀ ପୂରଣ ଏବଂ ନିଯୁକ୍ତି ନଚେତ ବେକାରୀ ଭତା ପାଇଁ ଦାବୀ କରାଯାଇଛି ।

ଚଳିତ ମଇ ମାସ ୨୫ରୁ ୩୧ ପର୍ଯ୍ୟନ୍ତ ବାମପନ୍ଥୀ ଦଳଗୁଡିକ ଦେଶବ୍ୟାପି ପ୍ରତିବାଦ ଆନ୍ଦୋଳନ ପାଇଁ ଆହ୍ୱାନ କରିଛନ୍ତି । ଓଡିଶାର ସର୍ବତ୍ର ଏହି ଆନ୍ଦୋଳନକୁ ସଫଳ କରିବାକୁ ଆଶିଷ୍ କାନୁନ୍‌ଗୋ, ସଂପାଦକ ସି.ପି.ଆଇ. ଓଡିଶା ରାଜ୍ୟ କାଉନ୍‌ସିଲ୍ , ଅଳି କିଶୋର ପଟ୍ଟନାୟକ, ସମ୍ପାଦକ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି, ଯୁଧିଷ୍ଠିର ମହାପାତ୍ର, ସି.ପି.ଆଇ. (ଏମ୍.ଏଲ୍) ଲିବରେସନ୍ ଓଡିଶା ରାଜ୍ୟ କମିଟି, ଜ୍ୟୋତି ରଞ୍ଜନ ମହାପାତ୍ର ସାଧାରଣ ସମ୍ପାଦକ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ମିଳିତ ବିବୃତିରେ ନିବେଦନ କରିଛନ୍ତି ।

ଶିକ୍ଷା ଋଣର ସୁଧ ହାର ବଦଳିଲା : ୨୪ଟି ଘରୋଇ ସ୍କୁଲକୁ ସରକାରୀ ଅନୁଦାନ ମିଳିବ

ଭୁବନେଶ୍ୱର ,୧୯/୦୫ (ନି.ପ୍ର): ଓଡ଼ିଶାର ଗରିବ ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାର ସୁବିଧା ପାଇଁ ରାଜ୍ୟ ସରକାର ଅତୀତରେ 'ଓଡ଼ିଶା ଲୋନ୍ ଷ୍ଟାଇପେଣ୍ଡ ଫଣ୍ଡ'ରୁ ଋଣ ଆକାରରେ ଆର୍ଥିକ ସହାୟତା ଯୋଗାଇ ଆସୁଥିଲେ । ଏହି ପ୍ରକ୍ରିୟା ୧୯୫୪ରୁ ୨୦୧୬ ପର୍ଯ୍ୟନ୍ତ ସାଧାରଣ, ବୈଷୟିକ ଏବଂ ବ୍ୟାବସାୟିକ ଶିକ୍ଷା ନିମନ୍ତେ ଦିଆଯାଉଥିଲା । ହେଲେ ଧାର୍ଯ୍ୟ ସମୟରେ ଋଣ ପରିଶୋଧ ନକଲେ ଋଣ ରାଜିନାମା ଅନୁଯାୟୀ ନିଯୁକ୍ତି ପାଇନଥିବା ଋଣ ଖିଲାପକାରୀଙ୍କ ଠାରୁ ବାର୍ଷିକ ୧୦% ସୁଧ, ନିଯୁକ୍ତି ପାଇଥିବା ଋଣ ଖିଲାପକାରୀଙ୍କ ଠାରୁ ୧୫% ସୁଧ ଆଦାୟ କରାଯାଉଥିଲା । ହେଲେ ନିଯୁକ୍ତି ସ୍ଥିତି ବିଶେଷ ଭାବେ ଯାଞ୍ଚ ନକଲେ ସୁଧ ହାର ସ୍ଥିର କରାଯାଇ ପାରୁନଥିଲା । ଏହାଦ୍ୱାରା ଋଣ ଆଦାୟରେ ଅସୁବିଧା ହେଉଥିଲା । ତେଣୁ ନିଯୁକ୍ତି କିମ୍ବା ନିଯୁକ୍ତି ପାଇନଥିବା ବିଦ୍ୟାର୍ଥୀଙ୍କ ଠାରୁ ଋଣ ଉପରେ ୧୦% ହାରରେ ସୁଧ ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି । ସେହିପରି ୧.୧.୨୦୧୬ରୁ ୧୭.୨.୨୦୨୧ ମଧ୍ୟରେ ୫ବର୍ଷ ସଂପୂର୍ଣ୍ଣ କରୁଥିବା ରିଡର ପାହ୍ୟାର ଅଧ୍ୟାପକଙ୍କୁ ଓଆରଏସ୍‌ପି (ସିଟି) ରୁଲ୍, ୨୦୧୯ରେ ସଂଶୋଧନ କରି ସଂପୃକ୍ତ ଅଧ୍ୟାପକମାନଙ୍କୁ ପୂର୍ବଭଳି ପ୍ରଦାନ କରାଯାଉଥିବା ଉଚ୍ଚ ଗ୍ରେଡ୍ ପେ ଅନୁଯାୟୀ ନିର୍ଦ୍ଧାରିତ ଲେଭେଲ୍-୧୩ ଏ ଅନ୍ତର୍ଗତ ସେଲ୍‌ରେ ବେତନ ଦେବା ପାଇଁ ବ୍ୟବସ୍ଥା କରିବା ସହ ସେମାନଙ୍କୁ ଆସୋସିଏଟ୍ ପ୍ରଫେସର ପାହ୍ୟା ପ୍ରଦାନ ପାଇଁ ଏହି ସଂଶୋଧନ ପ୍ରସ୍ତାବ ଆଗତ କରାଯାଇଛି । ଅନ୍ୟ ଏକ ଅନୁମୋଦନ କ୍ରମେ ରାଜ୍ୟରେ ଥିବା ୨୪ଟି ଘରୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧.୧.୨୨ରୁ ଶିକ୍ଷା ଅନୁଦାନ ଆଦେଶ, ୨୦୧୩ ଅନୁଯାୟୀ, ରାଜ୍ୟ ସରକାରଙ୍କ ଠାରୁ ଅନୁଦାନ ପାଇଁ ଯୋଗ୍ୟ ବିବେଚିତ ହେବେ । ଏହାଦ୍ୱାରା ଏହି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ୪୭ଜଣ ଶିକ୍ଷକ ଉପକୃତ ହେବେ । ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୬୮ଲକ୍ଷ ୫୫ହଜାର ଟଙ୍କା ଖର୍ଚ୍ଚ ବହନ କରିବେ । ସେହିପରି ଆସିଷ୍ଟାଣ୍ଟ ପ୍ରଫେସର (ଷ୍ଟେଜ୍-୨), ଆସିଷ୍ଟାଣ୍ଟ ପ୍ରଫେସର (ଷ୍ଟେଜ୍-୩) ଓ ଆସୋସିଏଟ୍ ପ୍ରଫେସର ପାହ୍ୟାକୁ ସଂପୃକ୍ତ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ବିବେଚିତ ହେଉଥିବା ଶିକ୍ଷକଙ୍କ ପଦୋନ୍ନତି, ଯୋଗ୍ୟ ବିବେଚିତ ହେଉଥିବା ତାରିଖ କିମ୍ବା ଓଡ଼ିଶା ଶିକ୍ଷା ସେବା (ମହାବିଦ୍ୟାଳୟ ଶାଖା), ୨୦୨୦ର ପ୍ରଚଳନ ତାରିଖ ଯାହା ୧୮.୦୨.୨୧ ରିଖରେ ପଡୁଥି,ବ ସେହି ତାରିଖରୁ ଲାଗୁ ହେବ ।

ଡ୍ରିମ୍‌ସ ହେବ ଏକକ ଘରୋଇ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର ,୧୯/୦୫ (ନି.ପ୍ର): କଟକସ୍ଥିତ ଡ୍ରିମ୍‌ସ କଲେଜକୁ ଏକକ ଘରୋଇ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ । ଉଚ୍ଚତର ବୃତ୍ତିଗତ ବୈଷୟିକ ଶିକ୍ଷାଦାନ ଭାବେ ଏହାକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ନିମନ୍ତେ ଆଇନ ପ୍ରଣୟନ ଲାଗି ପ୍ରସ୍ତାବ ଆସିଛି । ଏହା ନିଜସ୍ୱ ଅର୍ଥରେ ପରିଚାଳିତ ବହୁ ବିଭାଗୀୟ ଅନୁବନ୍ଧନ ପ୍ରଦାନ କରୁ ନ ଥିବା ଏକକ ବିଶ୍ୱବିଦ୍ୟାଳୟ ହେବ । ରାଜ୍ୟ ସରକାରଙ୍କୁ କୌଣସି ଆର୍ଥିକ ସହାୟତା ରାଶି ଦାବି କରିବ ନାହିଁ । ଏହାଦ୍ୱାରା ବୈଷୟିକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ବିଷୟରେ ଶିକ୍ଷା ଓ ଗବେଷଣା ପରିସର ବୃଦ୍ଧି, ନୂଆ ପିଢ଼ିର ଯୁବଗୋଷ୍ଠୀ ବିଭିନ୍ନ ଶିଳ୍ପ ସଂସ୍ଥା ସଂସ୍ପର୍ଶରେ ଆସିବା ସହ ନିଯୁକ୍ତିଭିତ୍ତିକ ପାଠ୍ୟକ୍ରମ ପଢ଼ିବା ନିମନ୍ତେ ସୁଯୋଗ ପାଇପାରିବେ । ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗ ଖୋଲିବା ଦ୍ୱାରା ରାଜ୍ୟରେ ବହୁବିଧ ଓ ଅନ୍ତଃ-ବିଭାଗୀୟ ପାଠ୍ୟକ୍ରମ ପ୍ରଚଳନ ହୋଇପାରିବ । ଏହି ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍ ଅନୁ ମୋଦନ ଦେଇଛି । ଖୁବ୍ ଶୀଘ୍ର ସରକାର ଡ୍ରିମ୍‌ସ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଅଧିନିୟମ, ୨୦୨୨ ପ୍ରସ୍ତୁତ କରିବେ । ଭୁବନେଶ୍ୱରସ୍ଥିତ ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଆଇନ, ୨୦୧୮ର ଧାରା-୬, ୮, ୯, ୨୯, ୩୨, ୩୫ ଓ ୩୬କୁ ସଂଶୋଧନ କରିବାକୁ ଆସିଥିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଏହାଦ୍ୱାରା ଏହି ବିଶ୍ୱବିଦ୍ୟାଳୟ ଅନ୍ୟ ଘରୋଇ ବିଶ୍ୱବିଦ୍ୟାଳୟର ଦୂରନିରନ୍ତର ଶିକ୍ଷା, ଦେୟ ଢାଞ୍ଚା ଓ ଶିକ୍ଷାନୁଷ୍ଠାନକୁ ପ୍ରବେଶ ନିୟମ ସମ୍ବନ୍ଧୀୟ ଅନ୍ୟ ବିଷୟବସ୍ତୁ ସହ ସମତୁଲ ହେବ । ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଓଡ଼ିଆ ଆଇନ ୨୦୧୯ର ଧାରା ୬, ୮, ୯, ୨୩, ୩୧, ୩୪ ଓ ୩୫ରେ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ସ୍ୱୀକୃତି ମିଳିଛି ।

୪,୪୯୯ ଟଙ୍କାରେ ମିଳିବ ଜିଓ ଫୋନ୍ ନେକ୍ସଟ୍

ଭୁବନେଶ୍ୱର, ୧୮ ମଇ – ରିଲାଏନ୍ସ ରିଟେଲ୍ ପକ୍ଷରୁ ଜିଓଫୋନ୍ ନେକ୍ସଟ୍ ପାଇଁ ସୀମିତ ସମୟର ଏକ୍ସଚେଂଜ୍ ଟୁ ଅପ୍‌ଗ୍ରେଡ୍ ଅଫରର ଶୁଭାରମ୍ଭ କରାଯାଇଛି । ଅଫର ଅନୁସାରେ ଗ୍ରାହକମାନେ ଯେକୌଣସି ପୁରୁଣା ସକ୍ରିୟ ୪ଜି ଫିଚରଫୋନ୍, ଜିଓଫୋନ୍ କିମ୍ବା ସ୍ମାର୍ଟଫୋନ୍ କୁ ବଦଳାଇ ମାତ୍ର ୪,୪୯୯ ଟଙ୍କା ମୂଲ୍ୟରେ ଏକ ସମ୍ପୂର୍ଣ୍ଣ ନୂଆ ଜିଓଫୋନ୍ ନେକ୍ସଟ୍ ପାଇପାରିବେ । ଏହି ଆକର୍ଷଣୀୟ ଅଫର ଜରିଆରେ ସ୍ୱଳ୍ପ ମୂଲ୍ୟର ସ୍ମାର୍ଟଫୋନ୍ ବ୍ୟବହାରକାରୀମାନେ ମଧ୍ୟ ଜିଓଫୋନ୍ ନେକ୍ସଟ୍ ଯାହା ଆଣ୍ଡ୍ରଏଡ୍ ର ଉନ୍ନତ ଭର୍ସନ ପ୍ରଗତି ଓଏସ୍ ପରିଚାଳିତ ତାହା ଜରିଆରେ ଏକ ନିରବଚ୍ଛିନ୍ନ ଓ ଉନ୍ନତ ଡିଜିଟାଲ୍ ଜୀବନକୁ ଉନ୍ନୀତ ହୋଇପାରିବେ । ଏହା ବ୍ୟବହାରକାରୀଙ୍କ ଅନୁଭୂତିରେ ସାଲିସ ନକରି ବ୍ୟାପକ ପରିମାଣର ଆପ୍ଲିକେସନ ଓ ଉପଯୋଗିତାକୁ ସମର୍ଥନ କରୁଛି । ଜିଓଫୋନ୍ ନେକ୍ସଟ୍ କୁ ଜିଓ ଓ ଗୁଗୁଲ୍ ପକ୍ଷରୁ ମିଳିତ ଭାବେ ଡିଜାଇନ୍ କରାଯାଇଛି, ଏହା ବିଶ୍ୱର ସବୁଠୁ ସୁଲଭ ୪ଜି ସ୍ମାର୍ଟଫୋନ୍ ଯେଉଁଥିରେ ରହିଛି ୫.୪୫ ଇଂଚ୍ ର ଏଚ୍‌ଡି ସ୍କ୍ରିନ୍ ସହିତ କର୍ଣ୍ଣି ଗୋରିଲା ଗ୍ଲାସ୍ ୩ ଓ ଆଂଟି ଫିଙ୍ଗରପ୍ରିଂଟ୍ କୋଟିଂ, ୨ ଜିବି ରାମ୍, ୩୨ ଜିବି ଇନ୍-ବିଲ୍ଟ ଷ୍ଟୋରେଜ୍ (୫୧୨ ଜିବି ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇପାରିବ), ୧୩ ମେଗାପିକ୍ ସେଲ୍ ପଛ କ୍ୟାମେରା, ୮ ମେଗାପିକ୍‌ସେଲ୍ ସାମ୍ନା ସେଲ୍‌ଫି କ୍ୟାମେରା, ୩,୫୦୦ ଏମ୍‌ଏଏଚ୍ ବ୍ୟାଟେରି ଓ ବହୁ ଅତ୍ୟାଧୁନିକ ଫିଚର ଯେଉଁଥିରେ ସାମିଲ ରହିଛି ଭଏସ୍ ଫାଷ୍ଟ୍ ଦକ୍ଷତା, ରିଡ୍ ଆଲାଉଡ୍, ଟ୍ରାନ୍ସଲେଟ୍ ନାଓ, ସହଜ ଓ ସ୍ମାର୍ଟ କ୍ୟାମେରା, ସ୍ୱୟଂଚାଳିକ ଫିଚର ଅପ୍‌ଡେଟ୍, ସହଜ ମିଡିଆ ସେୟାର, ଓଟିଜି ସୁବିଧା ଇତ୍ୟାଦି । ଭଏସ୍ ପ୍ରଥମ ଦକ୍ଷତା: ଗୁଗୁଲ୍ ଆସିଷ୍ଟାଂଟକୁ ବ୍ୟବହାର କରି ବ୍ୟବହାରକାରୀମାନେ ଡିଭାଇସ୍‌କୁ ପରିଚାଳନା କରିପାରିବେ ଏବଂ ଭଏସ୍ କମାଣ୍ଡ୍ କୁ ବ୍ୟବହାର କରି ଇଣ୍ଟରନେଟ୍ ପାଇପାରିବେ, ତାହା ପୁଣି ଏକାଧିକ ଭାଷାରେ । ରିଡ୍ ଆଲାଉଡ୍: ବ୍ୟବହାରକାରୀଙ୍କ ସ୍କ୍ରିନ୍‌ରେ ଯାହା ଥିବ ଡିଜାଇସ୍ ତାହାକୁ ପଢ଼ି ଶୁଣାଇବ । ଟ୍ରାନ୍ସଲେଟ୍ ନାଓ: ବ୍ୟବହାରକାରୀଙ୍କ ସ୍କ୍ରିନ୍‌ରେ ଯେଉଁ ବିଷୟବସ୍ତୁ (କନ୍‌ଟେଂଟ୍) ଥିବ ତାହା ୧୦ଟି ଲୋକପ୍ରିୟ ଭାଷାରେ ଅନୁବାଦ ହୋଇପାରିବ । ଇଜି ଓ ସ୍ମାର୍ଟ କ୍ୟାମେରା: ଜିଓଫୋନ୍ ନେକ୍ସଟ୍ ସ୍ମାର୍ଟ ଓ ଶକ୍ତିଶାଳୀ କ୍ୟାମେରାକୁ ବ୍ୟବହାର କରି ବ୍ୟବହାରକାରୀମାନେ ପୋଟ୍ରେଟ୍ ମୋଡକୁ ବ୍ୟବହାର କରି ଫଟୋ ଉଠାଇ ପାରିବେ ଯେଉଁଥିରେ ଛବିର ପ୍ରଚ୍ଛଦ ସ୍ୱୟଂକ୍ରିୟ ଭାବେ ଝାପ୍‌ସା ହୋଇଯିବ, ନାଇଟ୍ ମୋଡ୍ ଯାହା ବ୍ୟବହାରକାରୀମାନଙ୍କୁ କମ୍ ଆଲୋକରେ ମଧ୍ୟ ଶ୍ରେଷ୍ଠ ଫଟୋ ଉଠାଇବାରେ ସହାୟକ ହେବ ଏବଂ ଛବିରେ ଅନେକ ଫିଲ୍‌ଟର ବ୍ୟବହାର କରାଯାଇପାରିବ । ଏହି କ୍ୟାମେରାରେ ଭାରତ ପରିପ୍ରେକ୍ଷୀରେ ଲେନ୍‌ସ ରହିଛି ଯାହା ଆବେଗ ଓ ଉଲ୍ଲାସ ସହ ସେଲ୍‌ଫିରେ ଉନ୍ନତି ଆଣିପାରିବ । ବ୍ୟବହାରକାରୀମାନେ ସନ୍ନିକଟ ସେୟାର ସୁବିଧାକୁ ବ୍ୟବହାର କରି ବନ୍ଧୁ ଓ ପରିଜନମାନଙ୍କ ସହ ତତ୍ଜାଳ ଆପ୍, ଫାଇଲ, ଫଟୋ, ଭିଡିଓ ଓ ମ୍ୟୁଜିକ୍ ସେୟାର କରିପାରିବେ । ଜିଓ ଫୋନ୍ ନେକ୍ସଟ୍‌ରେ ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ୍‌ର ଏକ ଅତ୍ୟନ୍ତ ଉନ୍ନତ ଭର୍ସନ ପ୍ରଗତି ଓ ଏସ୍‌ର ଶକ୍ତି ରହିଛି ଯାହା ଉଭୟ ଗୁଗୁଲ୍ ଓ ଜିଓର ବିବିଧ ଆପ୍ଲିକେସନକୁ ସମର୍ଥନ କରୁଛି । ଜିଓ ମାର୍ଟ ଡିଜିଟାଲ୍, ରିଲାଏନ୍ସ ଡିଜିଟାଲ୍ ଓ ଅନ୍ୟ ଷ୍ଟୋର୍ ସମେତ ରିଲାଏନ୍ସ ରିଟେଲର ବ୍ୟାପକ ନେଟ୍‌ୱର୍କରେ ଜିଓ ଫୋନ୍ ନେକ୍ସଟ୍ ଉପଲବ୍ଧ ହେଉଛି ।

ବୀର ସୁରେନ୍ଦ୍ର ସାଏ ନଗର ପାଖ ବିଶ୍ୱବିଦ୍ୟାଳୟ ଗେଟ ଖୋଲିବାକୁ ଦାବି

ଭୁବନେଶ୍ୱର,୧୯/୦୫ (ନି.ପ୍ର): ଦୀର୍ଘ ୪୦ ବର୍ଷ ଧରି ଯିବା ଆସିବା କରୁଥିବା ରାସ୍ତାକୁ ଅନ୍ୟାୟ ଉପାୟରେ ରାତା ରାତି ବନ୍ଦ କରି ଦେଇଛି ବାଣୀବିହାର । ଗତ ରବିବାର ଦିନ ଗୋଟାଏ ବେଳେ ବିଶ୍ୱବିଦ୍ୟାଳୟ ରେଜିଷ୍ଟର ଭି ଏସ୍ ଏସ୍ ନଗର ପାଖକୁ ଥିବା ୩ ନମ୍ବର ଗେଟ ରବିବାର ଓ ଛୁଟି ଦିନରେ ବନ୍ଦ ରହିବ ବୋଲି ଏକ ନୋଟିସ ଲଗାଇ ବନ୍ଦ କରିଦେଇଥିଲେ । ସେହି ଦିନ ଅପରାହ୍ନରେ ଗେଟ ପାଖରେ ଖୋଳି ଦେଇଥିଲେ ଓ ଆଜି ସେହି ଠାରେ ଏକ ବିରାଟ ପାଚେରୀ ନିର୍ମାଣ କରି ଭି ଏସ୍ ଏସ୍ ନଗର ସହିତ ବହୁ ଲୋକମାନଙ୍କର ଭୁବନେଶ୍ୱର ଭିତରକୁ ଯିବା ଆସିବା ରାସ୍ତା ସବୁ ଦିନ ପାଇଁ ବନ୍ଦ କରି ଦେଇଛନ୍ତି । ଏହାକୁ ପ୍ରତିବାଦ କରି ଭି ଏସ୍ ଏସ୍ ନଗର ଉନ୍ନୟନ ପରିଷଦର ଏକ ଜରୁରୀ କାଳିନ ବୈଠକ ଅନୁଷ୍ଠାନର ଉପ-ସଭାପତି ଡ. ଜୟନ୍ତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ରାସ୍ତାର ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିବା ପରେ ବୈଠକରେ ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥି ପାଇଁ ସମସ୍ତ ବିଭାଗକୁ ଜଣାଇଁବା ପରେ ରାସ୍ତା ନଖୋଲିଲେ ପ୍ରତିବାଦ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ବୈଠକରେ ପରିଷଦର କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ନିମାଇଁ ଚରଣ ଦାସ, ଶିତଳ ଚନ୍ଦ୍ର ମହାନ୍ତି, ପ୍ରତାପ ନନ୍ଦ, ଧରଣୀଧର ରାଉତ, ରାମ ଚନ୍ଦ୍ର ସାମଲ, ଚିନ୍ତାମଣି ବାରିକ, ମୋହନ କୁମାର ହେମ୍ବ୍ରମ, ଆର୍ତତ୍ରାଣ ଦଳାଇ, ଗୌରୀ ଶଙ୍କର ପ୍ରହରାଜ, ଙ୍କ ନଳିନୀ ମହାନ୍ତି ଓ ଡ. କୁମୁଦ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

ଆଇଆରସିଟିସିର ଉତ୍ତର ଭାରତକୁ ତୀର୍ଥଯାତ୍ରୀ ବିଶେଷ ପର୍ଯ୍ୟଟକ ଟ୍ରେନ ସ୍ୱଦେଶ ଦର୍ଶନ

ଭୁବନେଶ୍ୱର,୧୯/୦୫ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆରସିଟିସି) ଜୁଲାଇ ମାସ ରେ ସ୍ୱତନ୍ତ୍ର ପର୍ଯ୍ୟଟନ ପ୍ୟାକେଜ୍ "ସ୍ୱଦେଶ ଦର୍ଶନ ସହିତ ମାତା ବୈଷ୍ଣୋଦେବୀ ଦର୍ଶନ" ଆୟୋଜନ କରିଛି ।

୬ ରାତି ଏବଂ ୭ ଦିନ ଯାତ୍ରା ସହିତ ସ୍ୱଦେଶ ଦର୍ଶନ - ମାତା ବୈଷ୍ଣୋଦେବୀ ଦର୍ଶନ ସହିତ ଉତ୍ତର ଭାରତ ଆଡକୁ ପର୍ଯ୍ୟଟନ ପ୍ୟାକେଜ୍ ସମସ୍ତ ଦେୟ ସହିତ ମାତ୍ର ୧୬୬୫୦ /- ଷ୍ଟାଣ୍ଡାର୍ଡ ପ୍ୟାକେଜରେ ଦେବାକୁ ହେବ । ଏହି ପର୍ଯ୍ୟଟନ ପ୍ୟାକେଜ ଦ୍ୱାରା କାଟ୍ରା ଠାରେ ମାତା ବୈଷ୍ଣୋଦେବୀ, ଆଗ୍ରା ଠାରେ ତାଜମହଲ ଏବଂ ଦୁର୍ଗ, ମଥୁରାରେ କୃଷ୍ଣ ଜନ୍ମଭୂମି, ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଏବଂ ୱାଗା ସୀମା ପରିଦର୍ଶନ କରାଯାଇ ହେବ ।

ଏହି ପ୍ୟାକେଜରେ ରାତ୍ରି ଆବାସ (ଛାତ୍ରାବାସ / ହଲ୍ / ବଜେଟ୍ ହୋଟେଲ), ଦର୍ଶନୀୟ ସ୍ଥାନ, ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ, ଟୁର୍ ଏସକର୍ଟ ଏବଂ ସୁରକ୍ଷା ବ୍ୟବସ୍ଥା, ଭ୍ରମଣ ବୀମା ଏବଂ ପାର୍କିଂ ଏବଂ ଟୋଲ୍ ଚାର୍ଜ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ଅଂଚଳର ଯାତ୍ରୀମାନେ ଧାର୍ମିକ ସ୍ଥାନ ଏବଂ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବୋର୍ଡିଂ ପଏଂଟ ଓଡିଶାରୁ ବ୍ରହ୍ମପୁର ଓ ସମ୍ବଲପୁର ଠାରୁ ଉତର ଭାରତର ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ସର୍ବନିମ୍ନ ମୂଲ୍ୟରେ ଭ୍ରମଣ କରିବାକୁ ଉପରୋକ୍ତ ପର୍ଯ୍ୟଟନ ପ୍ୟାକେଜ୍ ସିଷ୍ଟମ ଉପଯୋଗ କରିପାରିବେ । ଏହା ବ୍ୟତୀତ, ଭୁବନେଶ୍ୱର ସ୍ଥିତ ଆଇଆରସିଟିସି ଆଂଚଳିକ କାର୍ଯ୍ୟାଳୟ ମଧ୍ୟ ଚାରିଧାମ ଯାତ୍ରା (୧୧ ରାତି ଏବଂ ୧୨ ଦିନ) ପାଇଁ ସବୁଠାରୁ ଶସ୍ତା ଘରୋଇ ବିମାନ ଯାତ୍ରା ପ୍ୟାକେଜ୍ ପ୍ରଦାନ କରୁଛି । ଘରୋଇ ବିମାନ ଯାତ୍ରା ପ୍ୟାକେଜ୍ ବହୁତ ଭଲ ଭାବରେ ପରିକଳ୍ପିତ, ସ୍ୱଳ୍ପ ଅର୍ଥ ପାଉଣା ଏବଂ ଏହା ଭୁବନେଶ୍ୱରରୁ ବିମାନ ଯାତ୍ରା ଟିକେଟ ପାଉଣା ସହିତ ହୋଟେଲ ରହଣି, ଖାଦ୍ୟ, ସ୍ଥାନୀୟ ପର୍ଯ୍ୟଟନ ସ୍ଥଳ ଦୃଶ୍ୟ ଦେଖିବା, ଶୀତତାପ ନିୟନ୍ତ୍ରିତ ଯାନରେ ଗାଡିଭଡା ଦେୟ ଏବଂ ଅନ୍ୟାନ ସେବା କର ଅନ୍ତର୍ଭୁକ୍ତ ।

ରାଜ୍ୟରେ ରହିବନି ବିଜୁଳି କାଟ ସମସ୍ୟା : ଟାଟା ପାୱାର

ଭୁବ

ଗୁଣି, ଗାରେଡ଼ି ଓ ଡ଼ାହାଣୀ ସନ୍ଦେହର ପରିଣତି : ୫ ବର୍ଷ ହେବ ନିର୍ବାସନ ଦଣ୍ଡ ଭୋଗୁଛନ୍ତି କାନ୍ଦିରି

ଉଦଳା, ୧୯/୦୫ (ନି.ପ୍ର): ଡ଼ାହାଣୀ ସନ୍ଦେହରେ ମହିଳାଙ୍କ ଉପରେ ଅକଥନୀୟ ଅତ୍ୟାଚାର ମୟୂରଭଞ୍ଜ ଜିଲ୍ଲାରେ ନିତିଦିନିଆ ଘଟଣା । ଡ଼ାହାଣୀ ସନ୍ଦେହ କରି କେଉଁଠି ମହିଳା ମାନଙ୍କୁ ଉଲଗ୍ନ କରି ଗାଁ ଦାଣ୍ଡ ବୁଲାଯାଉଛି ତ, କେଉଁଠି ପୁଣି ଜୋର ଜବରଦସ୍ତ ବିଷ୍ଠା ଖାଇବାକୁ ଦିଆଯାଉଛି । ପୁଣି କେଉଁଠି ସର୍ବସାଧାରଣରେ ମାଡ଼ ମରାଯାଉଛି ତ, କେଉଁଠି ପୁଣି ହତ୍ୟା କରିବାକୁ ଲୋକେ ପଛାଉ ନାହାଁନ୍ତି । ଏପରି ଘଟଣାରେ କେବଳ ମହିଳାମାନେ ହିଁ ସବୁଠାରୁ ଅଧିକ ଅତ୍ୟାଚାରର ଶିକାର ହେଉଛନ୍ତି । ଏହିପରି ଏକ ଘଟଣା ଘଟିଛି କସ୍ତିପଦା ପଞ୍ଚାୟତ ସମିତିର ଶରତ ଥାନା ଅନ୍ତର୍ଗତ କଳମଗଡ଼ିଆ ଗ୍ରାମରେ । ଉକ୍ତ ଗ୍ରାମର ଗୋବିନ୍ଦ ବିଶ୍ୱାଳଙ୍କ ସହ ଧର୍ମିଣୀ କାନ୍ଦିରିଙ୍କୁ ଡ଼ାହାଣୀ ସନ୍ଦେହ କରି ବାରମ୍ବାର ନିର୍ଯ୍ୟାତନା ଦିଆଯାଉଛି । ଗୋବିନ୍ଦ ବିଶ୍ୱାଳଙ୍କ ଦେହାନ୍ତ ହୋଇଯିବା ପରେ କାନ୍ଦିରି ଏକାକି ନିଜ ପୁଅ ଝିଅଙ୍କ ସହିତ ଦିନ ବିତାଉଛି । କାନ୍ଦିରି ନିୟମିତ ଜଙ୍ଗଲକୁ ଯାଇ ଶାଳପତ୍ର ସଂଗ୍ରହ କରନ୍ତି ଓ ଖଲି ଟିପି ବିକ୍ରୟ କରନ୍ତି । ଏହିଭଳି ଦୁଇ ପଇସା ରୋଜଗାର କରି ଚଳନ୍ତି । ସରକାରଙ୍କ ତରଫରୁ ତାଙ୍କୁ କେବଳ ମାସକୁ ୫ କିଗ୍ରା ଚାଉଳ ଓ ୫୦୦ ଟଙ୍କା ଭତ୍ତା ମିଳେ । କିଛିଦିନ ତଳେ ଗ୍ରାମରେ ବୈଠକ ବସିଲା । ଏହି ବୈଠକକୁ କାନ୍ଦିରିକୁ ଘରୁ ଡ଼ାକିଆଣି ଏକ ଗଛରେ ବାନ୍ଧି ଦିଆଗଲା ଏବଂ ସେ ଡ଼ାହାଣୀ ବିଦ୍ୟା ଶିଖିଛି ବୋଲି କହି ସର୍ବସାଧାରଣରେ ରିତିମତ ମାଡ଼ ମରାଗଲା । ଫଳରେ କାନ୍ଦିରି ସଂଜ୍ଞାହିନ ହୋଇପଡ଼ିବା ପରେ, ସେ ମୃତ୍ୟୁବରଣ କଲା ବୋଲି କହି ତାକୁ ଟେକିନେଇ ଜଙ୍ଗଲରେ ଫୋପାଡ଼ି ଦିଆଗଲା । ରାତିରେ କେହିଜଣେ ସହୃଦ ବ୍ୟକ୍ତି ତାଙ୍କୁ ଜଙ୍ଗଲରୁ ଆଣି କସ୍ତିପଦା ଡ଼ାକ୍ତରଖାନା ପହଞ୍ଚାଇଥିଲେ । ଡ଼ାକ୍ତରଙ୍କ ଚିକିତ୍ସା ଫଳରେ କାନ୍ଦିରି ସୁସ୍ଥ ହୋଇ ଘରକୁ ଫେରିଲେ । ଏହି ଘଟଣା ସମ୍ପର୍କରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଦସ୍ୟ ସାମାଜିକ କର୍ମୀ ମନମୋହନ ମିଶ୍ର ଜାଣିବା ପରେ ଘଟଣାସ୍ଥଳକୁ ଯାଇ କାନ୍ଦିରିକୁ ସହଯୋଗ କରିବା ସହିତ ଶରତ ଥାନାରେ ଏକ ଏଫ.ଆଇ.ଆର. ଦାଖଲ କଲେ । ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ଫଳରେ କାନ୍ଦିରିକୁ ଡ଼ାହାଣୀ କହି ମାଡ଼ ମାରିଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଗଲା । ପୋଲିସର ଏତାଦୃଶ କାର୍ଯ୍ୟାନୁଷ୍ଠାନ ପରେ ଗ୍ରାମରେ ଏକ ଭିନ୍ନପ୍ରକାର ବାତାବରଣ ଖେଳିଯାଇଛି । କାନ୍ଦିରି ଗ୍ରାମର ବହୁ ଲୋକଙ୍କର ଆକ୍ରୋଷର ଶିକାର ହୋଇ ଦିନ ବିତାଉଛି । ଚଳିତ ବର୍ଷ କାନ୍ଦିରିକୁ ବୟସ ୬୦ ଛୁଇଁଲା । ଗ୍ରାମରେ ନିଜକୁ ସେ ଆଉ ନିରାପଦ ନମଣିବାରୁ ବାଧ୍ୟ ହୋଇ ନିଜଗ୍ରାମ ଛାଡ଼ି ଏଠାରୁ ୨୦ କିମି ଦୂର ମଝିଗଡ଼ିଆ ଗ୍ରାମପଞ୍ଚାୟତର ରାଇଡ଼ିହା ଗ୍ରାମରେ ନିଜ ଝିଅ ଜ୍ୱାଇଁଙ୍କ ପାଖରେ ଆଜକୁ ୫ ବର୍ଷ ହେବ ଆଶ୍ରୟ ନେଇଛି । ମାସରେ ଥରେ ତାଙ୍କୁ ଚାଉଳ ଓ ଭତ୍ତା ଟଙ୍କା ପାଇଁ ଜଙ୍ଗଲରେ ପାଦରେ ଚାଲି ଚାଲି ୨୦ କିମି ରାସ୍ତା ଯିବାକୁ ପଡ଼େ । ଏହିଭଳି ବର୍ତ୍ତମାନ ନିର୍ବାସନ ଦଣ୍ଡ ଭୋଗୁଛନ୍ତି କାନ୍ଦିରି । ସ୍ୱେଚ୍ଛାସେବୀ ସଂଗଠନ 'ଷ୍ଟାର'ର ନିର୍ଦ୍ଦେଶକ ପଦ୍ମଚରଣ ଦାଶ, ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଜନଜାଗୃତି ମଞ୍ଚର ସଦସ୍ୟ ବୃନ୍ଦ କାନ୍ଦିରି ନିକଟରେ ଚାଉଳ ଓ ଭତ୍ତା ଟଙ୍କା ପହଞ୍ଚାଇ ଦେବାର ବ୍ୟବସ୍ଥା କରିବା ସହିତ ତାଙ୍କ ଜୀବନପ୍ରତି ବିପଦ ଥିବାରୁ ତାକୁ ସୁରକ୍ଷା ଯୋଗାଇ ଦେବାକୁ ସରକାଣଙ୍କ ନିକଟରେ ଦାବୀ ଜଣାଇଛନ୍ତି ।

କାରଖାନାରେ ଅଗ୍ନିକାଣ୍ଡ: ଜଣକର ମୃତ୍ୟୁ

ନୂଆଦିଲ୍ଲୀ, ୧୯/୦୫ : ଗୁରୁବାର ଅପରାହ୍ନରେ ରାଜଧାନୀ ଦିଲ୍ଲୀର ମୁସ୍ତାଫାବାଦ ଅଂଚଳର ଏକ କାରଖାନାରେ ବ୍ୟାପକ ଅଗ୍ନିକାଣ୍ଡ ଘଟିଥିବା ବେଳେ ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି । ଘଟଣାର ଖବର ପାଇବା ମାତ୍ରେ ୭ଟି ଅଗ୍ନିଶମ ଟେଣ୍ଡର ଘଟଣାସ୍ଥଳରେ ପହଂଚିଥିଲେ । ଏହି ଘଟଣାରେ ଅଗ୍ନିଶମ ବିଭାଗ, ପୋଲିସ ଏବଂ ସ୍ଥାନୀୟ ଲୋକ ୭ ଜଣଙ୍କୁ ନେଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଯେଉଁଠାରେ ଡାକ୍ତରମାନେ ଜଣଙ୍କୁ ମୃତ ଘୋଷଣା କରିଥିଲେ । ଜଣଙ୍କର ଅବସ୍ଥା ଗୁରୁତର ଥିବା କୁହାଯାଇଛି ।

ଉଦଳାରେ ମହର୍ଷି ନାରଦଙ୍କ ଜୟନ୍ତି ପାଳିତ

ଉଦଳା, ୧୯/୦୫ (ନି.ପ୍ର): ସାମ୍ବାଦିକ ପରିବାର କସ୍ତିପଦା, ଉଦଳା ପକ୍ଷରୁ ପ୍ରଥମ ସାମ୍ବାଦିକ ମହର୍ଷି ନାରଦଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇ ଯାଇଛି । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଗୋଲକ ମହାରଣାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନ କ୍ଲବ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ଆନନ୍ଦ ଦାସ ପ୍ରମୁଖ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମହର୍ଷି ନାରଦଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ କରି ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ । ପରେ ନାରଦଙ୍କ ସମ୍ପର୍କରେ ଶାସ୍ତ୍ର ବର୍ଣ୍ଣିତ ବିଭିନ୍ନ ଘଟଣାବଳୀ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ସନ୍ତୋଷ ବେହେରା, ହିମାଦ୍ରୀ ଶେଖର ପାଲ, ସର୍ବେଶ୍ୱର ମହାପାତ୍ର ଓ ମନୋରଂଜନ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରି ମହର୍ଷି ନାରଦଙ୍କୁ କାହିଁକି ପ୍ରଥମ ସାମ୍ବାଦିକ ବୋଲି କୁହାଯାଇଛି ସେ ବିଷୟରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ସନ୍ତୋଷ ବାଛିନୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୃଷ୍ଣ ଚୈତନ୍ୟ ସଦୁଆଳ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

ହୃଦଘାତରେ ପୂର୍ବତନ ସବରେଜିଷ୍ଟରଙ୍କ ପରଲୋକ

ବାଲିଆପାଳ, ୧୯/୦୫ (ନି.ପ୍ର): ସବାଲିଆପାଳ ସବରେଜିଷ୍ଟର ଅଫିସର ପୂର୍ବତନ ସବରେଜଷ୍ଟର ମହେନ୍ଦ୍ର ନାଥ ସେଠୀଙ୍କ ଆଜି ହୃଦଘାତରେ ପରଲୋକ ହୋଇଯାଇଛି । ୨୦୦୯ ମସିହାରେ ଅବସର ପରେ ଶ୍ରୀ ସେଠୀ ଇ-ଷ୍ଟାମ୍ପ ଭେଣ୍ଡର ଭାବେ କାର୍ଯ୍ୟ କରିଆସୁଥିଲେ । ଆଜି ସକାଳେ କାର୍ଯ୍ୟ କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଖବର ପଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମର ଶରୀର କଟୁଆପଡା ସ୍ଥିତ ବାସଭବନରେ ପହଂଚିବା ପରେ ବିଡିଓ ଦୀପକ କୁମାର ଦାସ ସବରେଜଷ୍ଟର ଅଫିସର ସମସ୍ତ କର୍ମଚାରୀ, ଭେଣ୍ଡର ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ ।

ରେଳ ଧାରଣାରୁ ଶବ ଉଦ୍ଧାର

ଜୟପୁର, ୧୯/୦୫ (ନି.ପ୍ର): ଜୟପୁର ରେଳ ଷ୍ଟେସନ ନିକଟରେ କ୍ଷତ ବିକ୍ଷତ ଶବ ଉଦ୍ଧାର ହୋଇଛି । ରେଳ ଧାରଣାରୁ ଜିଆର ପିଏସ ଦ୍ୱାରା ଉଦ୍ଧାର ହୋଇଛି । ମାଲ ବାହି ଟ୍ରେନ ମାଡି ଯାଇଥିବା ତଦନ୍ତ ରୁ ଜଣାଯାଇଛି । ପ୍ରାଥମିକ ତଦନ୍ତରୁ ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । ମୃତ ବ୍ୟକ୍ତିର ପରିଚୟ ମିଳି ନଥିବା ବେଳେ ବୟସ ପାଖା ପାଖି ୪୦ ହେବ ବୋଲି ଜଣାଯାଇଛି ।

ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟ ବନ୍ଦ ଲାଗି ଷଡ଼ଯନ୍ତ୍ର : ମୁହଁ ଖୋଲିଲେ ସଂଖ୍ୟାଧିକ କର୍ମଚାରୀ

ଭଦ୍ରକ,୧୯/୦୫ (ନି.ପ୍ର): ଭଦ୍ରକର ଐତିହ୍ୟ ଓ ସୁନାମ ସୃଷ୍ଟି କରିଥିବା ଉତ୍ତର ଓଡ଼ିଶାର ପ୍ରାଚୀନ ଏବଂ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପାଇଁ କେତେକ କର୍ମଚାରୀ ଷଡ଼ଯନ୍ତ୍ର କରୁଥିବା ନେଇ ଆଜିବହୁ କର୍ମଚାରୀ ଏକ ସମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛନ୍ତି । ଭଦ୍ରକର ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇ ଜଣାଇଛନ୍ତି ଯେ, ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟର ପରିଚାଳନାଗତ ବିବାଦ କୋର୍ଟର ବିଚାରାଧୀନ ରହିଛି । ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ସର୍ତ୍ତମୂଳେ ଏହାର ପରିଚାଳନା ଦାୟିତ୍ୱ ପରିଚାଳନା କମିଟିକୁ ପ୍ରଦାନ କରିଛି । ସେହି ସର୍ତ୍ତଗୁଡ଼ିକ ମଧ୍ୟରେ ଗୋଟିଏ ସର୍ତ୍ତ ରହିଛି ଯେ ପରିଚାଳନା କମିଟି ପ୍ରତିମାସ ୭ ତାରିଖ ମଧ୍ୟରେ କର୍ମଚାରୀଙ୍କୁ ଦରମା ପଇଠ କରିବ । ଯାହାକୁ ପରିଚାଳନା କମିଟି ପାଳନ କରି ମହାବିଦ୍ୟାଳୟକୁ ଚଳାଇ ଆସିଥିଲା । ତେବେ ମହାବିଦ୍ୟାଳୟର ଏହି ବିବାଦ ଏବଂ କୋଭିଡ଼ କାରଣରୁ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟାରେ ହ୍ରାସ ଘଟିଛି । ନାମଲେଖା ଏକ ପ୍ରକାର ବନ୍ଦ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଫଳରେ ମହାବିଦ୍ୟାଳୟର ଆର୍ଥିକ ସ୍ଥିତି ଉପରେ ବିଶେଷ ପ୍ରଭାବ ପଡ଼ିଛି । ଯାହା ପାଇଁ ପରିଚାଳନା କମିଟି ଧାର୍ଯ୍ୟ ସମୟରେ ଦରମା ଦେବାକୁ ସକ୍ଷମ ହୋଇ ପାରିନଥିଲା । ସେଥିଲାଗି କିଛି କର୍ମଚାରୀ ଉଚ୍ଚ ନ୍ୟାୟାଳୟରେ ପିଟିସନ (୨୦୮୫/୨୦୧୯) ଦାଖଲ ମଧ୍ୟ କରିଛନ୍ତି । ଯାହାର ଶୁଣାଣୀ ଗତ ଏପ୍ରିଲ ୨୫ ତାରିଖକୁ ଧାର୍ଯ୍ୟ ହୋଇଥିଲା । ମାତ୍ର କିଛି କର୍ମଚାରୀ ସେ ସମୟ ପର୍ଯ୍ୟନ୍ତ ଅପେକ୍ଷା ନକରି ବେଆଇନ ଭାବେ ଅନ୍ୟ କର୍ମଚାରୀଙ୍କୁ ପ୍ରବର୍ତ୍ତାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ଫଶଯକ ଆଗରେ ଗଣଧାରଣାରେ ବସିଥିଲେ । କର୍ମଚାରୀମାନଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଆଗତ ପିଟିସନର ପରବର୍ତ୍ତୀ ଶୁଣାଣୀ ଆସନ୍ତା ସେପ୍ଟେମ୍ବର ୬ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି । ମାତ୍ର କମଚାରୀଙ୍କ ଆନ୍ଦୋଳନ ବୁଦ୍ଧିଜୀବୀଙ୍କ ମନରେ ସଂଶୟ ସୃଷ୍ଟି କରିଛି । ଏହି ସବୁ ଘଟଣାର ପୁଙ୍ଖାନୁପୁଙ୍ଖ ତର୍ଜମା କଲେ କେତେକ ଚକ୍ରାନ୍ତକାରୀଙ୍କ ଦ୍ୱାରା ପ୍ରଭାବିତ ହୋଇ ନଗଣ୍ୟ କର୍ମଚାରୀ ମହାବିଦ୍ୟାଳୟର ଖ୍ୟାତି, ସୁନାମକୁ ବଦ୍‌ନାମ କରିବା ସହ ଛାତ୍ରଛାତ୍ରୀଙ୍କ ନାମଲେଖା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରୁଛନ୍ତି । କେବଳ ସେତିକି ନୁହେଁ ଏହା ଦ୍ୱାରା ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶରେ ବ୍ୟାଘାତ ସୃଷ୍ଟି କରିବା ସହ କର୍ମଚାରୀଙ୍କ ଦରମା ପ୍ରଦାନରେ ମଧ୍ୟ ବାଧା ସୃଷ୍ଟି କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ମନୀନ୍ଦ୍ର କୁମାର ମହାନ୍ତି, ଲଳିତେନ୍ଦୁ ନାୟକ, ସଂଜିତ ରାୟ, ବିଜୟ କୁମାର ମହାନ୍ତି, ନିକୁଞ୍ଜ ଦୀକ୍ଷିତ, ଲକ୍ଷ୍ମୀକାନ୍ତ ଶଙ୍ଖୁଆ, ଦିଲିପ କୁମାର ଜେନା, ଭାଗିରଥୀ ରାଉତ, ପ୍ରଦିପ ବେହେରା, ସନ୍ତୋଷ ନାୟକ ପ୍ରମୁଖ କହିଛନ୍ତି । ତେବେ ପ୍ରକାଶ ଥାଉକି, ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟ ପରିଚାଳନାକୁ ନେଇ ବିକାଶ ରଂଜନ ଜେନା, ବିଜୟ କୁମାର ମହାପାତ୍ର, ଶ୍ରୀକାନ୍ତ ମହାପାତ୍ରଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ୪ଗୋଟି ମାମଲା WPCRL୫୫/୨୦୧୮, WPCPIL NO-୩୭୨୨/୧୯, WPC-୧୨୪୭୮/୧୬, WPC -୧୨୭୯୬/୨୦୧୬ ରୁଜ କରାଯାଇଛି ।

ଗୁଜରାଟରେ ୨୦ ମେ ୨୦୨୨ରେ ପାଳିତ ହେବ ବିଶ୍ୱ ମହୁମାଛି ଦିବସ

ନୂଆଦିଲ୍ଲୀ, ୧୯/୦୫ : ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ (ଏମ୍‌ଓଏଆଣ୍ଡ୍ ଏଫ୍‌ଡବ୍ଲ୍ୟୁ) ୨୦ ମେ ୨୦୨୨ରେ ଗୁଜରାଟର ଟେଂଟ ସିଟି – ଟୁ, ଏକତା ନଗର, ନର୍ମଦା ଠାରେ ମହୁମାଛି ଦିବସ ପାଳନ କରିବ । ବିଶ୍ୱ ମହୁମାଛି ଦିବସ ସମାରୋହ ଅବସରରେ ମାନନୀୟ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂହ ତୋମାର ସାମିଲ୍ ହେବେ । ଏମ୍‌ଓଏ ଆଣ୍ଡ୍ ଏଫ୍‌ଡବ୍ଲ୍ୟୁ ଦେଶର କ୍ଷୁଦ୍ର କୃଷକମାନଙ୍କ ହିତ ପାଇଁ ମହୁମାଛି ପାଳନକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହି ମହତ୍ୱପୂର୍ଣ୍ଣ ଦିବସକୁ ପାଳନ କରୁଛି, ଯାହା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ଅଟନ୍ତି । ଯାହାକୁ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ମାଗଦର୍ଶନରେ କାର୍ଯ୍ୟକାରୀ କରାଯାଉଛି । ଲୋକ ମାନଙ୍କର ଏବଂ ଆମ ପୃଥିବୀ ଗ୍ରହକୁ ସୁସ୍ଥ ରଖିବା ପାଇଁ ଏବଂ ଏହା ସମ୍ପର୍କିତ କିଛି ଆହ୍ୱାନ/ ସମସ୍ୟାର ସମାଧାନ କରିବା ପାଇଁ ମହୁମାଛିମାନଙ୍କୁ ଏବଂ ଅନ୍ୟ ପରାଗ ଗଣଙ୍କର ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜାତିସଂଘ ସାଧାରଣ ପରିଷଦ ୨୦ ମେ'କୁ ବିଶ୍ୱ ମହୁମାଛି ଦିବସ ରୂପରେ ଘୋଷିତ କରିଛି । ମାନନୀୟ କେନ୍ଦ୍ର କୃଷି ମନ୍ତ୍ରୀ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ହେବେ । ଶ୍ରୀ କୈଳାଶ ଚୌଧରୀ ଏବଂ ମାନନୀୟ କୃଷି ଏବଂ କୃଷକ କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ, ସୁଶ୍ରୀ ଶୋଭା କରନ୍ଦଲାଜେ, କୃଷି ମନ୍ତ୍ରୀ, ଗୁଜରାଟ ସରକାର, ସୁଶ୍ରୀ ମାତେଜା ଭୋଦେବ, ସ୍ଲୋଭେନିଆ ସାଧାରଣତନ୍ତ୍ରର ଦୂତାବାସରୁ ରାଷ୍ଟ୍ରଦୂତ, ସୁଶ୍ରୀ କୋଣ୍ଡା ରେଡ୍ଡୀ ଚାଓ୍ୱ, ଭାରତର ଏଫ୍‌ଏଓ ପ୍ରତିନିଧି, ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଏବଂ ଗୁଜରାଟ ସରକାରଙ୍କର ବରିଷ୍ଠ ଅଧିକାରୀ ବୃନ୍ଦ, ତଥା ମହୁ ଉତ୍ପାଦନ ସହିତ ସମ୍ପର୍କିତ ସମସ୍ତ ହିତାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏହି ଉତ୍ସବ ଅବସରରେ ମହୁମାଛି ପାଳନ କ୍ଷେତ୍ରରେ ବିଭିନ୍ନ ପ୍ରକାରର ମହୁମାଛି ଏବଂ ବିଭିନ୍ନ ଉତ୍ପାଦ ଗୁଡିକକୁ ପ୍ରଦର୍ଶିତ କରିବା ନିମନ୍ତେ ପ୍ରଦର୍ଶନୀରେ ମହୁମାଛି ପାଳନକାରୀ, ପ୍ରକ୍ରିୟାକରଣକାରୀ ଏବଂ ମହୁମାଛି ପାଳନ କ୍ଷେତ୍ରର ବିଭିନ୍ନ ହିତାଧିକାରୀ ମାନଙ୍କ ଦ୍ୱାରା ଅନେକ ଷ୍ଟଲ୍ ଲଗା ଯିବ । ଏହି ଆୟୋଜନ ଅବସରରେ ପୋର୍ଟାଲ୍ରେ ମହୁମାଛି ପାଳକ ମାନଙ୍କୁ ଲାଇଭ୍ ପଞ୍ଜୀକରଣ କରିବା ନିମନ୍ତେ 'ମଧୁକ୍ରାନ୍ତି' ପୋର୍ଟାଲ୍ର କାର୍ଯ୍ୟନ୍ୱୟନ ଏଜେନ୍ସି ଇଣ୍ଡିଆନ୍ ବ୍ୟାଙ୍କ ଦ୍ୱାରା ଏକ ଷ୍ଟଲ୍ ମଧ୍ୟ ଲଗା ଯିବ । କୃଷକ/ ମହୁମାଛି ପାଳନକର୍ତା ମାନଙ୍କ ମଧ୍ୟରେ ମହୁମାଛି ପାଳନର ବୈଜ୍ଞାନିକ ଜ୍ଞାନକୁ ଉନ୍ନତ କରିବା ନିମନ୍ତେ "ଉତ୍ପାଦନ ପ୍ରଯୁକ୍ତି ଏବଂ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ସମ୍ପର୍କରେ ଗବେଷଣା ଏବଂ ବିକାଶର ଅନୁଭୂତି ଏବଂ ଆହ୍ୱାନକୁ ବାଂଟିବା" ଏବଂ "ବିତରଣ ସମ୍ପର୍କିତ ଆହ୍ୱାନ ଏବଂ ସମାଧାନ (ଘରୋଇ / ବିଶ୍ୱସ୍ତରୀୟ) ଏବଂ ଆଲୋଚନା" ଉପରେ ଟେକ୍ନିକାଲ୍ ଅଧିବେଶନ ବୈଷୟିକ କରା ଯିବ । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଭାରତକୁ ଆତ୍ମନିର୍ଭର ଭାରତ ଭାବେ ଗଢ଼ିବା କ୍ଷେତ୍ରରେ ମହୁମାଛି ପାଳନକୁ ପ୍ରୋତ୍ସାହିତ କରିବା ଏବଂ ସରକାରଙ୍କ ଜାତୀୟ ମହୁମାଛି ପାଳନ ଏବଂ ମହୁ ମିଶନ (ଏନ୍ଭିଏଚ୍‌ଏମ୍)କୁ ଲୋକପ୍ରିୟ କରିବା । ଏନ୍ଭିଏଚ୍‌ଏମ୍ ଜାତୀୟ ମହୁମାଛି ବୋର୍ଡ ମାଧ୍ୟମରେ କ୍ଷୁଦ୍ର ଏବଂ ସୀମାନ୍ତ ଅଂଚଳର କୃଷକ ମାନଙ୍କ ମଧ୍ୟରେ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଏବଂ ସାମଗ୍ରିକ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ନିମନ୍ତେ, ଅମଳ ପରବର୍ତ୍ତୀ ପରିଚାଳନା ନିମନ୍ତେ ଭିତିଭୂମି ସରଂଚନାର ବିକାଶ ଏବଂ ଗବେଷଣା ଏବଂ ବିକାଶ ନିମନ୍ତେ ସମର୍ଥନ ଏବଂ "ମଧୁ ବିପ୍ଳବ"ର ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ ଲାଗୁ କରାଯାଇଛି । ମାନନୀୟ କେନ୍ଦ୍ର କୃଷି ମନ୍ତ୍ରୀ ଗୁଜରାଟରୁ ଆଭାସୀ ମୋଡ୍ରେ ଜାମ୍ମୁ – କାଶ୍ମୀରର ପୁଲୱାମା, ବାନ୍ଦୀପୁରା ଏବଂ ଜାମ୍ମୁ, କର୍ଣ୍ଣାଟକର ତୁମକୁର, ଉତରପ୍ରଦେଶର ସାହାରାନପୁର, ମହାରାଷ୍ଟ୍ରର ପୁନେ ଏବଂ ଉତରାଖଣ୍ଡରେ ସ୍ଥାପିତ ହେବାକୁ ଯାଉଥିବା ମହୁ ପରୀକ୍ଷଣ ଏବଂ ପ୍ରକ୍ରିୟାକରଣ ୟୁନିଟ୍ ମଧ୍ୟ ଉଦ୍ଘାଟନ କରିବେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

କଟକ ଚଣ୍ଡୀ ମନ୍ଦିରର ବିକାଶ....

କ୍ଲକ୍ ରୁମ୍, ପ୍ରସାଦ ସେବନ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ, ବ୍ୟାଖାନ କେନ୍ଦ୍ର ଆଦି ବ୍ୟ

ବାଲେଶ୍ୱର, ଶୁକ୍ରବାର, ୨୦ ମଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

'ବିଏମଏସ'ଜିଲ୍ଲା ସମ୍ମିଳନୀ ଓ ଅନୁବନ୍ଧିତ ଆଶାକର୍ମୀ ସଂଘ ଅଧିବେଶନ

ବାଲେଶ୍ୱର,୧୯/୦୫ (ନି.ପ୍ର): ଭାରତୀୟ ମଜଦୁର ସଂଘ (ବିଏମଏସ)ର ଜିଲା ସମ୍ମିଳନୀ ଓ ଏହି ସଂଗଠନ ସହ ଅନୁବନ୍ଧିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ବାଲେଶ୍ୱର ଜିଲା ଶାଖର ବାର୍ଷିକ ଅଧିବେଶ ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା ସଭାପତି ଶକୁନ୍ତଳା ଗୋଛାୟତ ଏଥିରେ ପୌରୋହିତ୍ୟ କରିଥିଲେ। 'ବିଏମଏସ'ର ରାଜ୍ୟ ସଭାପତି ଶ୍ରମିକ ନେତା ପୃଥୀରାଜ ପଣ୍ଡା ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ। ବିଏମଏସର ସାଂଗଠନିକ ଦିଗ ସାଙ୍ଗକୁ ସାମ୍ପ୍ରତିକ ସ୍ଥିତିରେ ଆଶା କର୍ମୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ଆଲୋଚନା କରିଥିଲେ। ମାଆ ଶିଶୁର ଯତ୍ନ ନେବାଠାରୁ ଆରମ୍ଭ କରି ମହାମାରୀ କରୋନାରେ ଜୀବନକୁ ବିପନ୍ନ କରି ଲୋକଙ୍କ ସେବା ଯୋଗାଇ ଆସିଥିବା ଏହି ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ପାଇଁ ସେ ଦାବି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦେବ, ଡିପିଏମ ଅନୀଲ କୁମାର ମହାନ୍ତି, ଜିଲା ଆଶାକର୍ମୀ ସଂଯୋଜକ ସୁଜିତ କୁମାର ରାୟ, 'ବିଏମଏସ' ବାଲେଶ୍ୱର ପ୍ରଭାରୀ ମନୋଜ ବସନ୍ତ ରାୟଙ୍କ ସମେତ ବିଏମସ ରାଜ୍ୟ ସମ୍ପାଦକ ଗିରୀଶ ଚନ୍ଦ୍ର ମହନ୍ତ, ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ରାଜ୍ୟ ସଭାପତି ମମତା ମହାନ୍ତି, ବିଏମଏସର ଜିଲା ସଭାପତି ସଙ୍ଗୀତା ରାୟ, ସନ୍ଦୀପ କୁମାର ରଣା, ଏବଂ ସମାଜସେବୀ ମାନସ ରଥ ପ୍ରମୁଖ ଏଥିରେ ଅତିଥି ବକ୍ତାଭାବେ ଯୋଗଦେଇ ଆଶାକର୍ମୀଙ୍କ ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ। ସେହିମାନଙ୍କ ସେବା ପାଇଁ ସମ୍ପ୍ରତି ବାଲେଶ୍ୱର ସମେତ ସମଗ୍ର ରାଜ୍ୟରେ ଶିଶୁ-ମାତୃ ମୃତ୍ୟୁହାର ବହୁ ପରିମାଣରେ ହ୍ରାସ ପାଇଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ତେବେ ସେମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରାଯିବା ଉଚିତ ବୋଲି ସେମାନେ କହିଥିଲେ। ଏହି ଅବସରରେ ଆସନ୍ତା ବର୍ଷ ପାଇଁ ନୂତନ ଜିଲା କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ଶେଷରେ ସମ୍ପାଦିକା ଜାନକୀ ରାଉଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନଭେମ୍ବର ୧୦ରୁ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ

ବାଲେଶ୍ୱର,୧୯/୦୫ (ନି.ପ୍ର): ଦୀର୍ଘ ଦୁଇବର୍ଷର କରୋନା କଟକଣା ହଟିବା ପରେ ଆସନ୍ତା ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ୨୩ ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ ଆୟୋଜନ ପାଇଁ ମହୋତ୍ସବ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟି ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ସୂଚନା ଦେଇଛନ୍ତି। ଯଦି ସ୍ଥିତି ଅନୁକୂଳ ରହିବ ତାହାଲେ ଆସନ୍ତା ନଭେମ୍ବର ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ୪ ଦିନିଆ ବେଳାଭୂମି ମହୋତ୍ସବ ନିଶ୍ଚିତ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। ସଫଳ ମହୋତ୍ସବ ପାଇଁ କମିଟି ପକ୍ଷରୁ ସବୁ ବର୍ଗଙ୍କ ସହଯୋଗ କାମନା କରାଯାଇଛି। ଏହି ଅବସରରେ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଭାପତି ଶ୍ରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ଆଜୀବନ ସଦସ୍ୟା ନବ ନିର୍ବାଚିତ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ-ସଭାପତି ବିପ୍ଳବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, କୋଷାଧ୍ୟକ୍ଷ ମାଧବାନନ୍ଦ ମିଶ୍ର, ସମ୍ପାଦକ କିଶୋର ଚନ୍ଦ୍ର ଦାସ, ସମରେନ୍ଦ୍ର ଦାସ, ଭାଗବତ ସାହୁ ଓ ଡ.ଶ୍ରୀମାନ ଶ୍ରୀଚନ୍ଦନ, ମିଡିଆ ଇନଚାର୍ଜ ଗଙ୍ଗାଧର ରାଉତ, ଅମୃତାଂଶୁ ପଟ୍ଟନାୟକ, ଡ.ପୁଣ୍ୟବ୍ରତ ମହାନ୍ତି, ରାଜେନ୍ଦ୍ର ପଟ୍ଟନାୟକ, ସୁକୁମାର ରଣା, ଆରତୀ ଦାସ, ଉପେନ୍ଦ୍ର ବେହେରା, କେ କେ ମହାରାଜ, ସଂଧ୍ୟାରାଣୀ ଭୂୟାଁ, ସତ୍ୟପ୍ରିୟ ମହାନ୍ତି, ପ୍ରମୁଖଙ୍କ ସମେତ କମିଟିର ବହୁ କର୍ମକର୍ତ୍ତା ଶ୍ରୀମତୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପୌରାଧ୍ୟକ୍ଷା ଭାବେ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ଶ୍ରୀମତୀ ସାହୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ କମିଟିର ସଫଳତା କାମନା କରିଥିଲେ।

ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୧୯/୦୫ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତ ର ଛଡ଼ା ୟୁ ଜି ଏମ ଇ ସ୍କୁଲରେ ଲାୟନ୍ସ କ୍ଲବ, ଆର କେ ବି ଡେଭଲପମେଣ୍ଟ ଓ ଆମର ଜ୍ୟୋତି କ୍ଲବ ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଚକ୍ଷୁ ଡାକ୍ତର ସ୍ୱୀକୃତି ରାଉତ ଆଖି ପରୀକ୍ଷା କରିଥିବା ବେଳେ ଫାର୍ମାସିଷ୍ଟ ସଞ୍ଜୀବ କୁମାର ଦାସ ସହଯୋଗ କରିଥିଲେ।ଶିବିରକୁ ସ୍ଥାନୀୟ ସରପଞ୍ଚ ଯଶୋଦା ମଣି ଧଳ ଉଦଘାଟନ କରିଥିଲେ । ୧୨୦ ଜଣ ରୋଗୀ ଚିକିତ୍ସା ହେଇଥିବା ବେଳେ କୋଡିଏ ଜଣ ରୋଗୀ ମୋତିଆ ବିନ୍ଦୁ ଅପରେସନ ପାଇଁ ସିଲେକ୍ଟ ହୋଇଥିଲେ।ଏମାନେ ବାଲେଶ୍ୱର ଲାୟନ୍ସ କ୍ଲବରେ ମାଗଣାରେ ଅପରେସନ ହେବେ। ଏଇ ଶିବିରକୁ ସଞ୍ଜୟ ଉପାଧ୍ୟାୟ, ରାଜେନ୍ଦ୍ର ଧଳ, ପ୍ରଦୀପ କୁମାର ସାହୁ,କମଳା କାନ୍ତ ସାହୁ, ଗୋପାଳ ଚନ୍ଦ୍ର ପଣ୍ଡିତ, ବିମଳ ଲୋଚନ ଦେ, ସୁଧାଂଶୁ ଜେନା, ପ୍ରଭୁରାମ କାମିଳା ,ଏସ କେ କୁମୁରୁଦିନ, ବିଦୁଭୂଷଣ ଚନ୍ଦ, ଯତୀନ୍ଦ୍ର ଘଡେଇ,ହେମନ୍ତ ଜେନା, ଅମଳେନ୍ଦୁ ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ।

ନରିପୁରରେ ଶ୍ରୀରାମ ନବମୀ ମାସେ ବ୍ୟାପୀ ପାଳିତ

ଭଦ୍ରକ,୧୯/୦୫ (ନି.ପ୍ର): ଭଦ୍ରକ ସହର ନରିପୁର ଅସ୍ଥଳ ଗ୍ରାମ ସ୍ଥିତ ମା' ବୁଢୀ ଜାଗୁଳାଇ ଜାଡ଼ି ବାସୁଳୀ ପାର୍ଶ୍ୱ ରାମ ମନ୍ଦିରରେ ଶ୍ରୀରାମ ନବମୀ ମହୋତ୍ସବ ରାମ ନବମୀ ଠାରୁ ଏକମାସ ଆଠ ଦିନ ଧରି ପାଳିତ ହୋଇଛି। ଗତକାଲି ଏହାର ଭସାଣୀ ଉତ୍ସବ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ଏଥିରେ ପୂଜା କର୍ମକର୍ତ୍ତା, କାଉନସିଲର ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜା କର୍ମରେ ପ୍ରତ୍ୟେକ ଦିନ ପ୍ରସାଦ ସେବନ, ସନ୍ଧ୍ୟା ଆଳତୀ ଶ୍ରଦ୍ଧାଳୁମାନେ ଦର୍ଶନ କରିଥାଆନ୍ତି। ଦୈନନ୍ଦିନ ବିଗ୍ରହଙ୍କଠାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ହୋଇଥାଏ। ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ପାଲା, ପାରାୟଣ, ଧର୍ମ ଚର୍ଚ୍ଚା ହେବା ସହ ବିଶିଷ୍ଟ ପ୍ରବଚକ ଜିତୁ ଦାସ ଏବଂ ବିଶିଷ୍ଟ ସଂଗୀତଜ୍ଞ ସୁବାସ ଦାଶଙ୍କ ଟ୍ରୁପ୍‌ଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ତେବେ ଏହି ଶ୍ରୀରାମ ନବମୀରେ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳି ଭୋଗ ଲାଗି ହୋଇ ପ୍ରସାଦ ସେବନ ସମସ୍ତେ କରିଥାନ୍ତି। ଉଲ୍ଲେଖ ଯୋଗ୍ୟ ଯେ ପାଳି ଭୋଗ ଶେଷ ନହେବା ଯାଏ ପ୍ରଭୁ ପୂଜା ପାଇଥାନ୍ତି। ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ଦେବୀ ସୀତା, ହନୁମାନଙ୍କ ବିଗ୍ରହ ମେଢ ଏକ ଶୋଭଯାତ୍ରାରେ ଘଣ୍ଟବାଦ୍ୟ, ଶାଙ୍ଖ ଧ୍ୱନୀରେ ଗ୍ରାମରୁ ନିଆଯାଇ ନଗର ପରିକ୍ରମା କରିବା ପରେ ସାଳନ୍ଦୀ ନଦୀଘାଟରେ ବିସର୍ଜନ କରାଯାଇଥିଲା। ଭସାଣୀ ଯାତ୍ରାରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା।

ନୂଆବଜାର ଲେବୁଲ କ୍ରସିଂ ମରାମତିପରେ ଡିଆର୍‌ଏମ୍‌ଙ୍କୁ ଧନ୍ୟବାଦ ଜଣାଇଲେ ଜଳେଶ୍ୱର ବିଜେପି

ଜଳେଶ୍ୱର, ୧୯/୫ (ନି.ପ୍ର): ଜଳେଶ୍ୱର ନୂଆବଜାରସ୍ଥିତ ଲେଭେଲ କ୍ରସିଂ ନଂ ୪୫ ନିକଟରେ ରାସ୍ତାଟି ମରଣଯନ୍ତାରେ ପାଲଟିଥିଲା । ଶହ ଶହ ଯାନ ଯାତାୟାତ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ବଢୁଥିଲା । ଏପରି ଘଟଣାକୁ ଉପଲବ୍ଧି କରି ଜଳେଶ୍ୱର ବିଜେପି ଶାଖା ପକ୍ଷରୁ ଡିଆର୍‌ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ବିଭାଗ ପକ୍ଷରୁ ମରାମତି କରାଯାଇଛି । ଜଳେଶ୍ୱର-ଚନ୍ଦନେଶ୍ୱର-ଦୀଘା ୫୭ ରାଜ୍ୟ ରାଜପଥର ନୂଆବଜାର ଠାରେ ରେଳ ଲେଭେଲ କ୍ରସିଂ ନଂ ୪୫ ଏକ ଅଗମ୍ୟ ପଥରେ ପରିଣତ ହୋଇଥିଲା । ୫ବର୍ଷ ଧରି ରେଳ ଓଭର ବ୍ରିଜ୍ କାମ ଶେଷ ହେଉନଥିବାରୁ ସେଠାରେ ଯାତ୍ରୀମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡିଥାଏ । ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିବାରୁ ବିଜେପି ସଂଗଠନ ପକ୍ଷରୁ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଖଡଗପୁରସ୍ଥିତ ଡିଆର୍‌ଏମ୍ ମନୋରଂଜନ ପ୍ରଧାନଙ୍କ ସହିତ ଦୀର୍ଘ ସମୟ ଫୋନ୍‌ଯୋଗେ ଆଲୋଚନା କରିଥିଲେ । ଆଲୋଚନା ବେଳେ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ଅରୁଣ ବେଜ, ପୂର୍ବତନ ନଗରପାଳ ପ୍ରବିର ପ୍ରଧାନ, ଦୀପକ ଚୌରାସିଆ, ଜଗନ୍ନାଥ ଗୋଛାୟତ ମଧ୍ୟ ରାସ୍ତାର ଦୂରବସ୍ଥା ସଂପର୍କରେ ଡିଆର୍‌ଏମ୍‌ଙ୍କୁ ଅବଗତ କରିଥିଲେ । ଏଥିଲାଗି ଏକ ଦାବିପତ୍ର ଜଳେଶ୍ୱର ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳଙ୍କ କରିଆରେ ଡିଆର୍‌ଏମ୍‌କୁ ଦିଆଯାଇଥିଲା । ଡିଆର୍‌ଏମ ଶ୍ରୀ-ପ୍ରଧାନ ଗୋଟିଏ ଦିନରେ ଉକ୍ତ ରାସ୍ତା ମରାମତି ହେବା ସଂପର୍କରେ ଶ୍ରୀ ଜେନାଙ୍କୁ ଜଣାଇଥିଲେ । ଏହି ରାସ୍ତା କାର୍ଯ୍ୟ ତତ୍‌କ୍ଷଣାତ୍ ହୋଇଥିବାରୁ ଶ୍ରୀ ଜେନାଙ୍କ ସହିତ ଜଳେଶ୍ୱର ବିଜେପି ଶ୍ରୀ ପ୍ରଧାନଙ୍କୁ ଦନ୍ୟବାଦ ଜଣାଇଛନ୍ତି ।

ବିଦ୍ୟୁତ ସମସ୍ୟାକୁ ନେଇ ମୁହଁ ଖୋଲିଲା ଗ୍ରାହକ ମଞ୍ଚ

ବାଲେଶ୍ୱର,୧୯/୦୫ (ନି.ପ୍ର): ସମ୍ପ୍ରତି ବାଲେଶ୍ୱର ଜିଲାରେ ଦେଖା ଦେଉଥିବା ବିଦ୍ୟୁତ ସେବାର ଉନ୍ନତି ଆଣିବା ତଥା ଗ୍ରାହକମାନଙ୍କର ବିଭିନ୍ନ ସମସ୍ୟା ନେଇ ସ୍ୱର ଉଠାଇଛି ଉତର ଓଡ଼ିଶା ବିଦ୍ୟୁତ ଗ୍ରାହକ ସଂଘ। ଏନେଇ ଅନଷ୍ଠାନ ପକ୍ଷରୁ ଷ୍ଟେସନ କ୍ଲବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ବିଦ୍ୟୁତ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରାଯାଇଥିଲା। ବିଶେଷ କରି ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେଇଥିବା ସଂସ୍ଥା ଉର୍ଜାମିତ୍ର ମାଧ୍ୟମରେ ସେବା ପ୍ରଦାନ କରୁନାହିଁ। ନାହିଁ, ପ୍ରତି ସେକସନ ଓ୍ୱାରି ଟୋଲଫ୍ରି ନମ୍ବର ଉପଲବ୍ଧ ହେଉ ନାହିଁ, ବିଲ ମାଧ୍ୟମରେ ଟୋଲ ଫ୍ରି ନମ୍ବର ଦେବା ଦରକାର। ମିଟର ରିଡିଂ ୨୦ ଦିନ ବା ୨୫ ଦିନ ମଧ୍ୟରେ ନେଉଥିବାରୁ ବର୍ଷକୁ ୧୩ରୁ ୧୪ଥର ବିଲ ଦିଆଯାଉଛି। ଏଥିପାଇଁ ଏନର୍ଜି ଚାର୍ଜ ମାସକୁ ଥରକୁ ଥର ଅଧିକ ଅର୍ଥ ନିଆଯାଉଛି ପ୍ରୋଭିଜନାଲ ବିଲ କେଉଁ ଆଧାରରେ ହେଉଛି ଓ ଏହାର ବୈଧତା ନେଇ ମଧ୍ୟ ପ୍ରଶ୍ନ ଉଠାଇଛି ସଂଘ। ଯିଏ ଅଧିକ ବିଦ୍ୟୁତ ବ୍ୟବହାର କରୁଛି ତାହାର ପ୍ରୋଭିଜନାଲ ବିଲ ତିନିଗୁଣା ହେଉଛି। ନୂଆ ସଂଯୋଗ ପାଇଁ ଅର୍ଥ ନେଉଥିଲେ ବି ମାସ ମାସ ଧରି ସଂଯୋଗ ହେଉନି। ଓଡ଼ିଶାରେ ବିଦ୍ୟୁତ ବଳକା ବୋଲି ସରକାର ବିଜ୍ଞପ୍ତି ପ୍ରକାଶ କଲା ପରେ ବି କାହିଁକି ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ହେଉଛି, ତାହାର ପ୍ରତିବାଦ କରିଥିଲା ସଂଘ। ଯେଉଁମାନଙ୍କର ୫/୬ ମାସରେ ମିଟର ରିଡିଂ ହେଉଛି ସେମାନେ କେମିତି ରିଆତି ପାଇବେ ବୋଲି ମଧ୍ୟ ସଂଘ ପ୍ରଶ୍ନ କରିଛି। ଶେଷରେ ସେକସନ ଓ୍ୱାରି ଆପତି ଅଭିଯୋଗ ପ୍ରତି ସପ୍ତାହରେ କରିବା ସହ ଘରକୁ ଘର ବୁଲି ଗ୍ରାହକଙ୍କଠାରୁ ଅର୍ଥ ଆଦାୟ ଓ ଏନର୍ଜି ବିଲ ସରଳୀକରଣ କରିବାକୁ ମଧ୍ୟ ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ସଭାପତି ଗିରିଜା ଶଙ୍କର ଦାସ, ବିଜୟ କୁମାର ପାଣିଗ୍ରାହୀ, ବିକ୍ରମ ପଣ୍ଡା, ଶ୍ରଦ୍ଧାଞ୍ଜଳି ରାଏ, ନିଶିଥ ବାରିକ, ରଘୁନାଥ ଲେଙ୍କା, ନିକୁଞ୍ଜ ମହାନ୍ତି, ଆୟୁପ ସେକ ଓ ସୁଖମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ନିର୍ଦ୍ଦେଶିକାଙ୍କର ମୟୂରଭଞ୍ଜ ଜିଲ୍ଲା ଗସ୍ତ

ବାରିପଦା, ୧୯/୦୫ (ନି.ପ୍ର): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ନିର୍ଦ୍ଦେଶିକା ଶ୍ରୀମତୀ ବ୍ରତତୀ ହରିଚନ୍ଦନ, ଭାପ୍ରସେ ତା.୧୭.୦୫.୨୦୨୨ ରିଖ ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା କାର୍ଯ୍ୟନୟନର ସଫଳ ରୂପାୟନ ଉପରେ ଏକ ସମୀକ୍ଷା କରିଥିଲେ। ସର୍ବପ୍ରଥମେ ସେ ଜିଲ୍ଲା ଭିନ୍ନକ୍ଷମ ପୁର୍ନବାସ କେନ୍ଦ୍ର ପରିଦର୍ଶନ କରିଥିଲେ। ଭିନ୍ନକ୍ଷମ କେନ୍ଦ୍ରରେ ଥିବା ଭିନ୍ନ ଭିନ୍ନ ବିଭାଗ ବୁଲି କେନ୍ଦ୍ରର ସୁପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଏକ ସହାୟକ ଯନ୍ତ୍ର ବଣ୍ଟନ ଶିବିରରେ ପୌରହିତ୍ୟ କରି ହିତାଧିକାରୀ ମାନଙ୍କୁ ୪ଟି ବିବାହ ପୋତ୍ସାହନ ରାଶି, ୨ଟି କୁଷ୍ଠ ଆରୋଗ୍ୟ ବ୍ୟକ୍ତିଙ୍କୁ ସହାୟତା ବଣ୍ଟନ, ୩ଟି କୃତିମ ଅଂଶ, ୮ଟି ଶ୍ରବଣ ଯନ୍ତ୍ର, ୩ଟି ମାଗଣା ଲାପ୍‌ଟପ, ୪ଟି ହୁଇଲ୍ ଚେୟାର ଏବଂ ୪ଟି ଟ୍ରାଇସାଇକେଲ ବଣ୍ଟନ କରିଥିଲେ। ଏହାପରେ ପରିଚାଳିତ ହେଉଥିବା ବିସି / ସିଏସ୍‌ପି ଜରିଆରେ ହିତାଧିକାରୀ ମାନଙ୍କର ପେନସନ ଟଙ୍କା ଉଠାଣ ତଦାରଖ କରିଥିଲେ। ତପ୍ରରେ ବେତନା ସ୍ଥିତ "ମନୋବିକାଶ" ଭିନ୍ନକ୍ଷମ ବିଦ୍ୟାଳୟ ପରିଦର୍ଶନ କରି ଅନ୍ତେବାସୀ ମାନଙ୍କ ସହିତ ସମୟ ଅତିବାହିତ କରିଥିଲେ। ଏହାପରେ ବାରିପଦାସ୍ଥିତ ଏନ୍‌ଜିଓ, ଆରଡିଏସି ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ (ମହିଳା ଓ ପୁରୁଷ) ଗୃହ ପରିଦର୍ଶନ କରି ଅନ୍ତେବାସୀ ମାନଙ୍କର ରହିବା ଖାଇବା ତଥା ସ୍ୱାସ୍ଥ୍ୟ ସମସ୍ୟା ପଚାରିବୁଝିଥିଲେ।

ଏଫଆଇଏଚ୍ ପ୍ରୋ ଲିଗ୍ ପାଇଁ ଭାରତୀୟ ହକି ଦଳ ଘୋଷିତ : ଅମିତ ରୋହିଦାସ ଅଧିନାୟକ

ଭୁବନେଶ୍ୱର, ୧୯/୦୫ (ନି.ପ୍ର): ଏଫଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ପାଇଁ ଭାରତୀୟ ହକି ଦଳ ଘୋଷଣା ହୋଇଛି। ଓଡ଼ିଶାର ଅମିତ ରୋହିଦାସଙ୍କୁ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଅମିତଙ୍କ ବ୍ୟତୀତ ଆଉ ଜଣେ ଓଡିଆ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ଓଡ଼ିଶାର ଶିଳାନନ୍ଦ ଲାକ୍ରା ବି ଦଳରେ ସାମିଲ ହୋଇଛନ୍ତି। ବେଲଜିୟମ ଓ ନେଦରଲ୍ୟାଣ୍ଡସ୍ ବିପକ୍ଷ ମ୍ୟାଚ ପାଇଁ ଏହି ଦଳ ଘୋଷଣା କରାଯାଇଛି।

ଭିକ୍ଷୁକଙ୍କୁ ଥଇଥାନ ଦାବିରେ ସିପିଏମ୍‌ର ଦାବିପତ୍ର

ଜଳେଶ୍ୱର, ୧୯/୫ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ସମ୍ମୁଖରେ ଅସହାୟ ସଂଘର ସଭାପତି ଦିଲ୍ଲିପ ଗିରିଙ୍କ ନେତୃତ୍ୱରେ ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତି ମାନେ ପୌରପାଳିକାର କାର୍ଯ୍ୟନିର୍ବାହି ଅଧିକାରୀ ଅଜୟ ମହାପାତ୍ରଙ୍କୁ ଭେଟି କେତେକ ଦାବି ଉପସ୍ଥାପନ କରିଥିଲେ । ଜଳେଶ୍ୱର ସହରରେ ଦୀର୍ଘବର୍ଷ ଧରି କେତେକ ବୃଦ୍ଧ, ବୃଦ୍ଧା, ଅସହାୟ, ନିରଶ୍ରୟ ବ୍ୟକ୍ତି ଭିକ୍ଷାବୃତ୍ତି କିମ୍ବା ଜରି ଗୋଟାଇ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ରିହି ଜିବନ ବିତାଇ ଆସୁଛନ୍ତି । ପ୍ରଶାସନ କିମ୍ବା ରାଜନେତାଙ୍କର ସେମାନଙ୍କ ଉପରେ ଦୃଷ୍ଟି ପଡିନାହିଁ। ଖରା, ବର୍ଷା, ଶୀତ, କାକରରେ ସେମାନେ ନିଜକୁ ଅବହେଳିତ ମଣୁଥିବା ବେଳେ ମଣିଷ ପଣିଆ ପ୍ରତି ଅଂଗୁଳି ନିର୍ଦ୍ଦେଶ କରି ଆସୁଛି । ଅପପୃଷ୍ଟି ଯୋଗୁଁ ସେମାନଙ୍କ ଛୋଟ ପିଲା ଓ ମହିଳା ଅକାଳରେ ଝରି ପଡୁଛନ୍ତି । ସେମାନଙ୍କ ସାମାଜିକ ଜୀବନଚର୍ଯ୍ୟା ଲାଗି ଆଜି ଅସହାୟ ସଂଘ ପକ୍ଷରୁ ସେମାନଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଲାଗି ଦାବି ଉଠାଇଛନ୍ତି । ସେମାନଙ୍କୁ ପରିଚୟ ପତ୍ର ଦେବା, ଆଶ୍ରୟସ୍ଥଳ ନିର୍ମାଣ, ପୃଷ୍ଟି ସାଧନ କେନ୍ଦ୍ରରେ ସେମାନଙ୍କୁ ଖାଦ୍ୟ ଯୋଗାଇବା, ମାଗଣାରେ ଚିକିତ୍ସା ଯୋଗାଇବା, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା, ଭତ୍ତା ପ୍ରଦାନ ଓ ସାମାଜିକ ନିରାପତ୍ତା ସହିତ କାମଧନ୍ଦା ଯୋ